


୩।୧।୨୦୨୫

| | |
|---|---|
| ୬,୪୪,୪୯୪ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୧୦୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### କାର୍ ଧକ୍କାରେ ଛାତ୍ରୀ ଗୁରୁତର

ଅସ୍ତରଙ୍ଗ, ୩।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ବଳଭଦ୍ରପୁର-ଅସ୍ତରଙ୍ଗ ରାସ୍ତାର ପୀରଜାହାନିଆ ରାସ୍ତା ନିକଟରେ ଏକ କାର୍ ଧକ୍କାରେ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ବିଶ୍ୱାଳ (୧୫) ଘରୁ ଅସ୍ତରଙ୍ଗ ବ୍ଲକ ବେଳାଭୂମି ଉଚ୍ଚ ବିଦ୍ୟାଳୟକୁ ସାଇକେଲ ଯୋଗେ ଯାଉଥିଲେ। ଏହି ସମୟରେ ତାଙ୍କୁ ଏକ କାର୍ ଧକ୍କାଦେଇ ସେଠାରୁ ପଳାଇ ଯାଇଥିଲା। ଖବର ପାଇ ବେଳାଭୂମି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ବିଦ୍ୟାଳୟ କର୍ମଚାରୀ ଆମ୍ବୁଲାନ୍ସ ସହାୟତାରେ ଛାତ୍ରୀଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରତୀକ୍ଷାଙ୍କ ମୁଣ୍ଡ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିବାବେଳେ ଅଧିକ ଚିକିତ୍ସା ଲାଗି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

### ରାଉଳପାଟଣା-ପାଣିଛତ୍ର ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର,୩।୧(ରଶ୍ମିରଞ୍ଜନ ସାହୁ)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ପାଣିଛତ୍ରରୁ ରାଉଳପାଟଣା ରାସ୍ତା ଦୀର୍ଘ ୨୨ କିଲୋମିଟର ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା ଉପରେ ଦୈନିକ ଯାତ୍ରୀବାହୀ ବସ୍, ମାଲ୍ ବୋଝେଇ ଟ୍ରକ୍ ସମେତ ସାଧାରଣ ଜନତା କୋଣାର୍କ ଓ ପୁରୀକୁ ଯାତାୟାତ କରୁଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଦେଉଳି, ସିରେଇ, ଜହ୍ନିମାଳିଆ, ସମା, ସୁଆର ଆଦି ସ୍ଥାନଗୁଡ଼ିକରେ ମେଟାଲ ଉଠି ବଡ଼ ବଡ଼ ଖାଲମାନ ସୃଷ୍ଟି ହେବାଫଳରେ ନୟାହାଟ କଲେଜକୁ ସୋରବା, ଇଶାଣପୁର, ବଉଳାଙ୍ଗ ପଞ୍ଚାୟତର କଲେଜ ପିଲା ପାଠ ପଢ଼ିବାକୁ ଆସିବାରେ ଅସୁବିଧା ଭୋଗୁଛନ୍ତି। ଉକ୍ତ ରାସ୍ତା ମରାମତି ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ, ଟେଣ୍ଡର ପାଇଁ ପଠାଯାଇଛି। ଆସିଲେ କାମ ହେବ ବୋଲି କହିଥିଲେ।

### ଯାତ୍ରୀବାହୀ ଅଟୋ ଓଲଟି ଚାଳକ ସମେତ ୬ ଆହତ; ଅଟୋ ଜବତ

ନିମାପଡ଼ା,୩।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା-ପିପିଲି ରାସ୍ତାର ଦହିଜଙ୍ଗ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ରାସ୍ତାକଡ଼ ଯୋରକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଅଟୋଚାଳକଙ୍କ ସମେତ ମୋଟରେ ୬ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତନ୍ମଧ୍ୟରୁ ଜଣେ ବୃଦ୍ଧା ଓ ଜଣେ ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ବୃଦ୍ଧା ଜଣଙ୍କ ନିମାପଡ଼ା ଅଞ୍ଚଳର ହୋଇଥିବାବେଳେ ଅନ୍ୟ ଆହତ ବ୍ୟକ୍ତି ଓ ଚାଳକଙ୍କ ପରିଚୟ ମିଳିପାରିନାହିଁ। ଅଟୋଟି ଲୋକଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହା ପରେ ଚାଳକ ଜଣଙ୍କ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଚାଳକଙ୍କ ବେପରୁଆ ଗାଡ଼ି ଚାଳନାରୁ ଏପରି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

# ମହାପ୍ରଭୁଙ୍କ କାର୍ଯ୍ୟରେ ରୁପାଇଟା ଲଗାଯାଉ

## ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି

ପୁରୀ,୩।୧(ଅଜିତ୍ କୁମାର ମହାନ୍ତି)

ବର୍ତ୍ତମାନ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ବିଭିନ୍ନ କବାଟ ରୁପା ଛାଉଣି କାର୍ଯ୍ୟ ଶେଷ ହୋଥିବା ବେଳେ ସିଂହଦ୍ୱାର ଗୁମୁଟ ମଣିବନ୍ଦ, ପତିତପାବନ ମନ୍ଦିର ଆଦିର ରୁପା ଛାଉଣି କାର୍ଯ୍ୟ ଶେଷ ହୋଇଛି। ଆଗକୁ ରତ୍ନଭଣ୍ଡାର କବାଟକୁ ରୁପା ଓ ସୁନା ଛାଉଣି କରାଯିବା ସହ ୭ ଗୋଟି ପ୍ରଭାକୁ ରୁପା ଛାଉଣି କରାଯିବା ପାଇଁ ଯୋଜନା କରାଯାଇଛି। ଏହାରି ଭିତରେ ଏମାର ମଠରୁ ଜବତ ହୋଇଥିବା ୫୪୫ ଖଣ୍ଡ ଇଟାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚର୍ଚ୍ଚା ଆରମ୍ଭ ହୋଇଛି। ଜବତ ରୁପା ଇଟାକୁ ଶ୍ରୀମନ୍ଦିର ପ୍ରଶାସନ ମାର୍ଫତକୁ ଆଣି ତାକୁ କାମରେ ଲଗାଇବାକୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।

୨୦୧୧ରେ ଏମାର ମଠରୁ ୫୨୨ ଖଣ୍ଡ ରୁପା ଇଟା ଜବତ ହୋଇଥିଲା। ସେତେବେଳେ ଏହାର ମୂଲ୍ୟ ୯୦ କୋଟି ଟଙ୍କା ଅନୁମାନ କରାଯାଇଥିଲା। ୨ ଶ୍ରମିକ ରୁପା ଇଟା ବିକି ଧରାପଡ଼ିବା ପରେ ଏମାର ମଠ ପର୍ଯ୍ୟନ୍ତ ପୋଲିସ ପହଞ୍ଚିଥିଲା। ଦେବୋତ୍ତର ବିଭାଗ ପାଖରେ ମଠ ତରଫରୁ ଏ ସମ୍ପତ୍ତିକୁ ନେଇ କୌଣସି ସୂଚନା ଦିଆଯାଇ ନ ଥିଲା। ତେଣୁ ଇଟାକୁ ଜବତ କରାଯାଇଥିଲା। ପରବର୍ତ୍ତୀ ସମୟରେ ମଠ ପରିସରରୁ ପୁଣି ୨୩ ଖଣ୍ଡ ମିଳିଥିଲା। ମଠରୁ ମୋଟ ୫୪୫ ଖଣ୍ଡ ରୁପା ଇଟା ଜବତ ହୋଇଥିଲା। ମଠରୁ ଜବତ ହୋଇଥିବା ରୁପା ଇଟା ୧୫୦ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଉଛି। ଏଭଳି ମୂଲ୍ୟବାନ୍ ରୁପାକୁ ଶ୍ରୀମନ୍ଦିର କାମରେ ନ ଲଗାଯାଇ ତାକୁ କାହିଁକି ପୋଲିସ ହେପାଜତରେ ରଖିଛି ସେନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି, ଏମାର ମଠରୁ ଜବତ ହୋଇଥିବା ରୁପା ଇଟା ଶ୍ରୀମନ୍ଦିର ପ୍ରଶାସନ ହେପାଜତକୁ ଆଣିବା ଉପରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଛି। ଏନେଇ ଆଇନ ବିଭାଗକୁ ଅବଗତ କରାଯାଇଛି। ରୁପା ଇଟା ଘଟଣା ନେଇ ଇସୁ ରହିଥିବାରୁ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ରୁପା ଇଟା ଶ୍ରୀମନ୍ଦିରକୁ ଆଣିବା ନେଇ ବିଭିନ୍ନ ମହଲରୁ ଦାବି ରହିଛି। ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

ଏନେଇ ଗଣେଶ୍ୱର ମହାସୁଆର କହିଛନ୍ତି, ଏମାର ମଠରୁ ବାହାରିଥିବା ରୁପା ଇଟାଗୁଡ଼ିକ ପୋଲିସ ହେପାଜତରେ ରହିଛି। ବର୍ତ୍ତମାନ ସରକାର ଯଦି ଏନେଇ ପଦକ୍ଷେପ ନେବେ ତେବେ ଭଲ ହେବ। ଶ୍ରୀମନ୍ଦିର ସିଂହଦ୍ୱାର କବାଟ ରୁପା ଛାଉଣି ହୋଇଛି ଆଗକୁ ଅନ୍ୟ ତିନିଦ୍ୱାର ହେଲେ ଭଲ ହେବ। ସରକାର ଚାହିଁଲେ ରୁପା ଇଟାଗୁଡ଼ିକ ଆସି କାର୍ଯ୍ୟରେ ଲାଗିପାରିବ।

ଦଇତାପତି ସେବାୟତ କୀର୍ତ୍ତି ଦାସ ମହାପାତ୍ର କହିଛନ୍ତି, କିଛି ବର୍ଷ ତଳେ ଏମାର ମଠରୁ ବାହାରିଥିବା ରୁପା ଇଟା ପୋଲିସ ପ୍ରଶାସନ ନିକଟରେ ରହିଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଚାହିଁଲେ ଇଟାଗୁଡ଼ିକ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିପାରିବ। ଶ୍ରୀମନ୍ଦିରର ସମସ୍ତ ଦ୍ୱାର ସହ ପାର୍ଶ୍ୱ ଦେବଦେବୀ ମନ୍ଦିରର ଦ୍ୱାର, ସମ୍ମୁଖ ଦ୍ୱାରଗୁଡ଼ିକ ରୁପା ଛାଉଣି ହୋଇପାରିବ। ଫଳରେ ଭକ୍ତଙ୍କ ମନରେ ଏକ ନୂତନ ଅନୁଭୂତି ଜାଗ୍ରତ ହେବ।



ଶରଧାବାଲିରେ ଅନୁଷ୍ଠିତ ୨୯ ତମ ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।(ଫଟୋ- ଯଜ୍ଞେଶ୍ୱର ମହାନ୍ତି ।

# ଏକତ୍ରିତ ସ୍ୱର ଉତ୍ତୋଳନକଲେ ପରିବର୍ତ୍ତନ ଆସିବ

ପୁରୀ,୩।୧(ଅଜିତ୍ କୁମାର ମହାନ୍ତି)

ଦ ମିଡ଼ିଆ ରାଜ୍ୟସ୍ତରୀୟ କର୍ତ୍ତବ୍ୟରତ ସାମ୍ବାଦିକ, ଲେଖକ ଗ୍ରନ୍ଥକାର ଫୋରମ ଆନୁକୂଲ୍ୟରେ 'ଚାପଗ୍ରସ୍ତ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫୋରମ ଅଧ୍ୟକ୍ଷ ଖବରଦାତା ସରୋଜ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଫୋରମର ରାଜ୍ୟ ସଭାପତି ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ନଗର ଉନ୍ନୟନ ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ମୀନକେତନ ଦାସ ଆଲୋଚନାଚକ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ତଥା ଲେଖକ ସରୋଜ ସାହୁ, ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ ଓ ରାଜ୍ୟ ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଜନସାଧାରଣ ଜାଗ୍ରତ ହେଲେ ସାମ୍ବାଦିକତା ଚାପମୁକ୍ତ ହେବ। ତେଣୁ ପ୍ରତ୍ୟେକ ଅବ୍ୟବସ୍ଥାରେ ଜନସାଧାରଣ ଏକତ୍ରିତ ଭାବରେ ସ୍ୱର ଉତ୍ତୋଳନ କଲେ ସମାଜରେ ପରିବର୍ତ୍ତନ ଆସିବ। ଖବରଦାତାଙ୍କୁ ସରକାର ବୃତ୍ତିଗତ ମାନ୍ୟତା ଦେଲେ ସେମାନେ ଚାପମୁକ୍ତ ରହିବେ ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ କାର୍ତ୍ତିକ ଦାସ, ଡ. ପ୍ରମୋଦ ପଣ୍ଡା, ଅଭିନଭ ପଟ୍ଟନାୟକ, ଡ. ସସ୍ମିତା ମିଶ୍ର, ଅଧିବକ୍ତା ସର୍ବାଣୀ ଦାସ, ପଣ୍ଡିତ ସଦାଶିବ ମିଶ୍ର, ବିପିନ ଦଳାଇ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ। ଏହି ଅବସରରେ ହିମାଂଶୁ ଭୂଷଣ ଓଝା ପ୍ରତିଭା ଦାସ, ପୌର୍ଣ୍ଣମାସୀ ଦେବୀ, ସୁଶ୍ରୀ ଦାସ ଓ ସଦାନନ୍ଦ ମଲ୍ଲିକଙ୍କ ସ୍ମୃତିରେ ମିନତୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଜମିରେ ନିଆଁ ଲାଗି ପାଚିଲା ଧାନ ପୋଡ଼ିଗଲା

ଅସ୍ତରଙ୍ଗ/ ସାକ୍ଷୀଗୋପାଳ,୩।୧
(ପ୍ରଦୀପ୍ତ କୁମାର ଦୀକ୍ଷିତ/ ଭରତ ରାଉତ)

ଅସ୍ତରଙ୍ଗ ବ୍ଲକ ପାଟଣା ଗହୀରରେ ଚାଷୀ କରିଥିବା ପାଚିଲା ଧାନ ବାହିଆରେ ନିଆଁ ଲାଗି ସବୁ ପାଉଁଶ ହୋଇଯାଇଛି। ଫଳରେ ଶହ ଶହ କୁଇଣ୍ଟାଲ ଧାନ ପୋଡ଼ି ନଷ୍ଟ ହୋଇଛି।

ସୂଚନା ଅନୁସାରେ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ସ୍ଥାନୀୟ କରଞ୍ଜପୁର ଅଞ୍ଚଳର ଜଣେ ଚାଷୀ ଧାନ ଅମଳ ପରେ ବିଲରେ ମୁଗ ବୁଣିବାକୁ ଜମା ହୋଇଥିବା କୁଟାରେ ନିଆଁ ଲଗାଇଥିଲେ। ଉତ୍ତରା ପବନ ବହିବାରୁ ନିଆଁ ପାଖ କିଆରିକୁ ଉଡ଼ିବା ସହ ବ୍ୟାପୀ ଯାଇଥିଲା। ଫଳରେ ୩ଟି ସ୍ଥାନରେ ବାହିଆ ହୋଇ ଥୁଆ ହୋଇଥିବା ପ୍ରାୟ ୧୫ ଗୁଣ୍ଠରୁ ଉର୍ଦ୍ଧ୍ୱ ପାଚିଲା ଧାନ କ୍ଷଣିକ ମଧ୍ୟରେ ଜଳି ପାଉଁଶ ହୋଇଯାଇଥିଲା। ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ଉଠିଛି। ଏନେଇ କରଞ୍ଜପୁର ଅଞ୍ଚଳର କାଳନ୍ଦୀ ମଲ୍ଲିକ ନିଜେ ଭାଗଚାଷୀ ଭାବେ ଧାନ କରିଥିଲେ। ନିଆଁ ଲିଭା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର କେନ୍ଦ୍ର ଅଧିକାରୀ ପ୍ରହଲ୍ଲାଦ ରାୟ, ଗାଡ଼ି ଚାଳକ ତାପସ ରାଉତ, ଦୀପକ ବେହେରା, ଆଗ୍ନିକ ରବୀନ୍ଦ୍ର ବାଗ୍, ସତ୍ୟବ୍ରତ ବାରିକ୍, ଇନ୍ଦ୍ରଜିତ୍ ସାହୁ, ସୁବ୍ରତ ସାମଲ ପ୍ରମୁଖ ସାମିଲ ଥିଲେ।

ସେହିପରି ସତ୍ୟବାଦୀ ବ୍ଲକ ଅଧୀନ ସାଣ୍ଡରା ଗ୍ରାମପଞ୍ଚାୟତର ହିରଣ୍ୟପଡ଼ା ଗ୍ରାମର ଭଗବାନ୍ ପ୍ରଧାନଙ୍କ କଳେଇଗଦାରେ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ନିଆଁ ଲଗାଇଦେବାରୁ ତାଙ୍କର ସମସ୍ତ ଧାନ ପୋଡ଼ିଯାଇଛି। ଭଗବାନ୍ ତାଙ୍କ ୧ ଏକର ଜମିର ଧାନ କଳେଇ ଗଦାକରି ରାସ୍ତାକଡ଼ରେ ରଖିଥିଲେ। ରାତ୍ରିରେ କଳେଇଗଦାରେ କେହି ନିଆଁ ଲଗାଇ ଦେଇଥିବା ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତେବେଳକୁ ସବୁ କଳେଇ ପୋଡ଼ି ନଷ୍ଟ ହୋଇଯାଇଥିଲା। ଫଳରେ ୧ ଏକର ଜମିର ସମ୍ପୂର୍ଣ୍ଣ ଧାନ ଫସଲ ନଷ୍ଟ ହୋଇଯାଇଛି। ଏଣୁ ପ୍ରଶାସନ ଏହି ଘଟଣାକୁ ଦୃଷ୍ଟିଦେଇ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ସାମ୍ବାଦିକ ଏକାଦଶକୁ ହରାଇ ପୋଲିସ ଏକାଦଶ ବିଜୟୀ



ପୁରୀ,୩।୧(ଅଜିତ୍ କୁମାର ମହାନ୍ତି)

ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୋଲିସ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ମଧ୍ୟରେ ପୋଲିସ ପଡ଼ିଆଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ମିଶ୍ର ପୋଲିସ ଏକାଦଶର ଅଧିନାୟକ ରହିଥିବା ବେଳେ ସାମ୍ବାଦିକ ଏକାଦଶର ଅକ୍ଷୟ କୁମାର ମିଶ୍ର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଟସ୍ ଜିତି ପୋଲିସ ଏକାଦଶ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୧୧୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ପୋଲିସ ଏକାଦଶ ପକ୍ଷରୁ ଦୁଷ୍ମନ୍ତ କୁମାର ସାହୁ ୧୭ ବଲରେ ୪୯ ରନ କରିଥିବା ବେଳେ ରଘୁନାଥ ସେଠୀ ୧୧ ବଲରେ ୩୨ ରନ, ଅଧିନାୟକ ସୁଶୀଲ ମିଶ୍ର ୧୪ ବଲରେ ୧୨ ରନ ଓ ଚିତ୍ତରଞ୍ଜନ ମହାନ୍ତି ୭ ବଲରେ ୧୨ ରନ୍ କରିଥିଲେ। ଏହାର ଜବାବରେ ସାମ୍ବାଦିକ ଏକାଦଶ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ କରି ପରାଜୟ ହୋଇଥିଲା। ସାମ୍ବାଦିକ ଏକାଦଶର ସର୍ବାଧିକ ଚନ୍ଦ୍ରଶେଖର ଓମ୍ ପାତ୍ର ୭ ବଲରେ ୨୩ ରନ, ସରୋଜ ମାଲିକ ୪ ବଲରେ ୧୯ ରନ, ଶିବ ୪ ବଲ୍‌ରେ ୧୬ ରନ ଏବଂ ପ୍ରୀତମ୍ ୧୮ ବଲ ଖେଳି ୩୫ ରନ କରିଥିଲେ। ମ୍ୟାଚ୍‌କୁ ନିରଞ୍ଜନ ମିଶ୍ର ଏବଂ ତ୍ରିଲୋଚନ ହୋତା ଅମ୍ପାୟର ଭାବେ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁଚରଣ ପତି ଯୋଗଦାନକରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସାମ୍ବାଦିକ ଏକାଦଶ ପକ୍ଷରୁ ସୁମନ୍ତ ପରିଡ଼ା, ପ୍ରିୟଦର୍ଶନ ମହାନ୍ତି, ଶିବପ୍ରସାଦ ଦାଶ, ଅକ୍ଷୟ କୁମାର ମିଶ୍ର, ପବିତ୍ର କୁମାର ପୃଷ୍ଟି, ସାଗର ମଲ୍ଲିକ, ସରୋଜ କୁମାର ମଲ୍ଲିକ, ଅଜିତ୍ ମହାନ୍ତି, ପ୍ରୀତମ୍ ଆଚାର୍ଯ୍ୟ, ଚନ୍ଦ୍ରଶେଖର ଓମ୍ ପାତ୍ର, ଆଲୋକ ଆଶୁତୋଷ ନାୟକ, ଗଣେଶ ଦାସ ପ୍ରମୁଖ ଖେଳିଥିଲେ। ପୋଲିସ ଏକାଦଶ ପକ୍ଷରୁ ଉଡ଼ାନ ବାସ୍କେ, ସୁନୀଲ ପ୍ରଧାନ, ସମୀର ସ୍ୱାଇଁଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଦୋକନ୍ଦା ଭଲିବଲ୍ ଦଳ ଚାମ୍ପିୟନ

କଣାସ,୩।୧(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ବଡ଼ାଲ ଗ୍ରାମପଞ୍ଚାୟତର ଓଗାଳପୁର ଗ୍ରାମରେ ଗୁରୁବାର ୨୩ତମ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଉତ୍ତର ଚିଲିକା ଓ ଏଲ୍‌ଫେୟାର କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅବିଭକ୍ତ ପୁରୀ ଜିଲାର ୮ଟି ଭଲିବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ପୁରୀର ଇନ୍‌ଡୋର ଭଲିବଲ୍ ଦଳକୁ ୨-୦ରେ ହରାଇ ଦୋକନ୍ଦା ଭଲିବଲ ଦଳ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୋହନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସହଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ଗୁପ୍ତେଶ୍ୱର ଦକ୍ଷିଣକବାଟ, ଅଜୟ କୁମାର ପ୍ରଧାନ, ମୋହନ ପରିଡ଼ା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ସମସ୍ତ କ୍ଲବର କର୍ମକର୍ତ୍ତା ଭଲିବଲ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗରେ ପାଠଚକ୍ର

ଅସ୍ତରଙ୍ଗ,୩।୧(ମମତା ଜେନା)

କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରୀ ବେହୁରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନିମାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ ଯୋଗଦେଇଥିଲେ। 'ମିଳିତ ରାଜନୀତି: ଭାରତ ପାଇଁ ଉପଯୁକ୍ତ କି?' ବିଷୟ ଉପରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଲଲାଟେନ୍ଦୁ ସ୍ୱାଇଁ, ଅଧ୍ୟାପକ ଜ୍ୟୋତିପ୍ରକାଶ ପଲେଇ, ଅଧ୍ୟାପକ ଜିତେନ୍ଦ୍ର କୁମାର ଦାସ ଓ ଅଧ୍ୟାପିକା ସାଫିଆ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# କଣାସ ଥାନାରେ ୨୭ଜଣଙ୍କ ନାମରେ ଏତଲା

କଣାସ,୩।୧(ବିଭୂତି ଭୂଷଣ ତ୍ରିପାଠୀ)

## ଶିମିଳିପାଟଣାରେ ଗୋଷ୍ଠୀ ସଂଘର୍ଷ ଘଟଣା

ପୁରୀ ଜିଲା କଣାସ ଥାନା ପାଣ୍ଡିଆକେରା ପଞ୍ଚାୟତର ଶିମିଳିପାଟଣା ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ କଣାସ ଥାନାରେ ୧୭ଜଣଙ୍କ ନାମରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ୩ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ୨ ଗୋଷ୍ଠୀ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ସ୍କୁଲ ଗୃହ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ତିକ୍ତତା ଲାଗି ରହିଥିଲା। ଗୁରୁବାର ରାତିରେ ଜଣେ ଯୁବକ ଗାଳିଗୁଲଜ କରିବାରୁ ସରପଞ୍ଚଙ୍କ ସ୍ୱାମୀ ତ୍ରିନାଥ ଛୋଟରାୟ ଉକ୍ତ ଯୁବକଙ୍କୁ କାହିଁକି ଗାଳିଗୁଲଜ କରୁଛୁ ପଚାରିବାରୁ ଯୁକ୍ତିତର୍କ ହେବାସହ ସଂଘର୍ଷର ସୂତ୍ରପାତ ହୋଇଥିଲା। ଖବରପାଇ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାପା ଉତ୍ତେଜନା ଲାଗିରହିଥିବାରୁ ପୋଲିସ୍ ଫୋର୍ସ ଗ୍ରାମରେ ଜଗି ରହିଛନ୍ତି। ପାଣ୍ଡିଆକେରା ସରପଞ୍ଚ ହରପ୍ରିୟା ବଳିୟାରସିଂହ ୧୦ଜଣ ଗଣ୍ଡଗୋଳ କରିଥିବା କଣାସ ଥାନାରେ ଅଭିଯୋଗ କରିବାରୁ କଣାସ ଥାନା କେସ୍ ନଂ. ୨/୨୦୨୫ରେ ଏକ ମୋକଦ୍ଦମା ରୁଜୁ ହୋଇଛି। ଅପର ଗୋଷ୍ଠୀର ପ୍ରଭାତୀ ମାର୍ଥା ୧୭ ଜଣ ବ୍ୟକ୍ତି ଗଣ୍ଡଗୋଳ କରିଥିବା କଣାସ ଥାନାରେ ଅଭିଯୋଗ କରିବାରୁ କଣାସ ଥାନା କେସ୍ ନଂ ୩/୨୦୨୫ରେ ଏକ ମୋକଦ୍ଦମା ରୁଜୁ କରାଯାଇଛି। ପୋଲିସ୍ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ କାହାରିକୁ ଗିରଫ କରାଯାଇ ନାହିଁ।

# ଶିଶୁ ହସିଲେ ଦେଶ ହସିବ

ନିମାପଡ଼ା, ୩।୧(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ଶିଶୁ ସୁରକ୍ଷା କମିଟି ଓ କଟକର ସଂଯୋଗ ଅନୁଷ୍ଠାନ ପକ୍ଷରୁ ନିମାପଡ଼ା ଶିଶୁ ବିକାଶ ପ୍ରକଳ୍ପ ବିଭାଗ ସହାୟତାରେ ଏକ ପ୍ରଶିକ୍ଷଣ ଶିବିର ଓ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ଆୟୋଜିତ ସମାରୋହରେ ଅତିଥି ଭାବେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ରୁଚିକା ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି, ଜିଲା ଆଇନ ପରିବିକ୍ଷ ଅଧିକାରୀ ସନ୍ତୋଷ ସାହୁ, ନିମାପଡ଼ା ବ୍ଲକ ଶିଶୁ ବିକାଶ ଅଧିକାରୀ (ସିଡିପିଓ) ମାଧବୀ ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରତିଭା ମହାନ୍ତି, ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲ୍‌ଟାସିଂହ ପ୍ରମୁଖ ଯୋଗଦେଇଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ, ଶିଶୁ ହସିଲେ ଦେଶ ହସିବ, ଶିଶୁଙ୍କୁ ସଶକ୍ତ କରିବା, ଶିଶୁ ନିର୍ଯାତନା, ଶିଶୁ ଚାଲାଣ, ବାଲ୍ୟ ବିବାହକୁ ଦୃଢ଼ ପ୍ରତିହତ କରିବା ଦିଗରେ ସମସ୍ତେ ଯତ୍ନବାନ୍ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

# ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ

ପୁରୀ,୩।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଡିଭିଜନର ପ୍ରତ୍ୟେକ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବେଆଇନ ଛଟେଇ ଓ ବଦଳିକୁ ପ୍ରତିବାଦ କରି ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଠିକା କର୍ମଚାରୀଙ୍କ ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଛି। ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ଆଜକୁ ପ୍ରାୟ ୧୦ରୁ ୧୨ବର୍ଷ ଧରି ବିଦ୍ୟୁତ୍ କ୍ଷେତ୍ରରେ କର୍ମଚାରୀମାନେ କାମ କରିଆସୁଛନ୍ତି। କିନ୍ତୁ ଟାଟା ପାୱାର ମାତ୍ର ୪ ବର୍ଷ ହେବ ଓଡ଼ିଶାକୁ ଆସି ଓଡ଼ିଶାର ଠିକା ବିଦ୍ୟୁତ୍ କର୍ମଚାରୀଙ୍କୁ ଅକଥନୀୟ ଅତ୍ୟାଚାର କରୁଛି। ଠିକା ବିଦ୍ୟୁତ୍ କର୍ମଚାରୀଙ୍କୁ ଅନ୍ୟାୟ ଭାବେ ୮୦ କିଲୋମିଟର ବଦଳି କରାଯାଉଛି। ଟାଟା ପାୱାର ଯଦି ଅନ୍ୟାୟ ଭାବେ ବଦଳି କରାଇଥିବା ଠିକା ବିଦ୍ୟୁତ୍ କର୍ମଚାରୀଙ୍କର ବଦଳିକୁ ପୁନଃବିଚାର ନ କରେ, ତେବେ ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନର ରୂପ ନେବ ବୋଲି ମହାସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଧାରଣାକୁ ପୁରୀ ଡିଭିଜନର ପ୍ରତ୍ୟେକ ଠିକା ବିଦ୍ୟୁତ୍ କର୍ମଚାରୀମାନେ ସମର୍ଥନ କରିଛନ୍ତି। ଆନ୍ଦୋଳନରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଜିଲା ସମ୍ପାଦକ ବସନ୍ତ କୁମାର ପଲାଇ, ସୁରେନ୍ଦ୍ର ରାଉତ, ଉଦୟ ନାଥ ପ୍ରଧାନ, ସିଦ୍ଧେଶ୍ୱର ମହାପାତ୍ର ଓ ସ୍ୱରୂପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ଆନ୍ଦୋଳନରତ ଠିକା କର୍ମଚାରୀମାନେ ।

# ୮.୩୦ରେ ଜାତୀୟ ପତାକା ଉତ୍ତୋଳନ

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ପୁରୀ,୩।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ଅତିରିକ୍ତ ଜିଲାପାଳ ନାୟକ ପରାମର୍ଶ ଦେଇଥିଲେ। ଆଲୋଚନା ପରେ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜାନୁଆରୀ ୨୬ରେ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ପୂର୍ବାହ୍ନ ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହିତ ଉଦ୍‌ବୋଧନ ଦେବେ। ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିରରେ ଯୋଗଦେବେ। ଅପରାହ୍ନରେ ଶ୍ରୀଜଗନ୍ନାଥ କ୍ରିକେଟ ପଡ଼ିଆରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ।




ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ।

ସେହିପରି ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପ୍ରଭାତଫେରି ସକାଳ ୬ଟା ସୁଦ୍ଧା ଶେଷ କରି ଗାନ୍ଧୀ ସ୍ମୃତି ପୀଠଠାରେ ଏକତ୍ରିତ ହେବେ। ସେଠାରେ ସକାଳ ୭ଟା ସୁଦ୍ଧା ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବ। ଅଭ୍ୟାସ ପରେଡ୍ ଆସନ୍ତା ୨୨ ଓ ୨୩ ତାରିଖ ଅପରାହ୍ନ ୩ଟା ଓ ୨୪ ତାରିଖ ପୂର୍ବାହ୍ନ ୮ଟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆ ସଜ୍ଜା, ବ୍ୟାରିକେଡ୍ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଉତ୍ସବ ମଞ୍ଚକୁ ଫୁଲ କୁଣ୍ଡରେ ସଜେଇବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟାଳୟ ଓ ବ୍ୟକ୍ତି ବିଶେଷମାନେ ନିଜ ଗୃହକୁ ଆଲୋକମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ବୈଠକରେ ଅନ୍ୟାନ୍ୟ ବିଭାଗର ଅଧିକାରୀ, ସାମାଜିକ କର୍ମୀ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଏକ ଚୋରି ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ସୌମ୍ୟରଞ୍ଜନ ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ଅନ୍‌ସର୍ ଶାହାଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସତ୍ୟପ୍ରକାଶ ବେହେରା ତାଙ୍କ ବାଇକ୍ ଚୋରି ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ରାକେଶ ପୋଥାଳ ଏବଂ ଅନ୍‌ସର ଅଲ୍ଲୀ ପରିଚାଳନା କରିଥିଲେ।

# ସୌନ୍ଦର୍ଯ୍ୟକରଣ ସହ ୧୪ ସ୍ଥାନରେ ଭାସ୍କର୍ଯ୍ୟ ସ୍ଥାପନ



ପ୍ରସ୍ତୁତି ବୈଠକରେ ବିଏମ୍‌ସି କମିଶନର ସୁଲୋଚନା ଦାସ ଏବଂ ଅନ୍ୟମାନେ।

**ଭୁବନେଶ୍ୱର, ୩।୧(ବନ୍ଦନା ସେଠୀ)**

- ପ୍ରବାସୀ ଭାରତୀୟ ଦିବସ ପାଇଁ ବିଏମ୍‌ସିର ପ୍ରସ୍ତୁତି
- ଉଠାଦୋକାନୀଙ୍କ ପାଇଁ ବ୍ୟବସ୍ଥା କରାଯିବ: ମେୟର

ଜାନୁଆରୀ ୮ରୁ ୧୦ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ଭୁବନେଶ୍ୱରବାସୀଙ୍କ ସମେତ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ବିଶ୍ୱର ପ୍ରାୟ ୧୪୦ଟି ଦେଶରୁ ୭ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଭୁବନେଶ୍ୱରରେ ସମ୍ମିଳିତ ହେବେ। ଏହି କ୍ରମରେ ବିଏମ୍‌ସି ପକ୍ଷରୁ ସହରକୁ ସୁନ୍ଦର ଭାବେ ସଜାଇବା ପାଇଁ ୱାଲ ପେଣ୍ଟିଂ କରାଯାଉଛି। ସେଥିମଧ୍ୟରୁ ୮୦ପ୍ରତିଶତ କାମ ଶେଷ ହୋଇଥିବାବେଳେ ଦିନେ ଦୁଇଦିନ ମଧ୍ୟରେ ସମସ୍ତ କାମ ଶେଷ ହୋଇଯିବ ବୋଲି ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ସେହିପରି ୧୪ଟି ସ୍ଥାନରେ ଭାସ୍କର୍ଯ୍ୟ ସ୍ଥାପନ ସହ ସୌନ୍ଦର୍ଯ୍ୟକରଣ କରାଯାଉଛି। ୧୦୬ କିଲୋମିଟର ରାସ୍ତା ମରାମତି ଓ ନିର୍ମାଣ କାମ କରିବା, ୧୨୦ଟି ସ୍ଥାନରେ ସାଇନେଜ ବା ପଥସଂକେତ ପ୍ରତିଷ୍ଠା କରିବା, ପାର୍କିଂସ୍ଥାନ ସୃଷ୍ଟି ସହ ସୋଲାର ଟ୍ରି, ବିଭିନ୍ନ ସ୍ଥାନର ସୌନ୍ଦର୍ଯ୍ୟକରଣ, ଛକଗୁଡ଼ିକର ଉନ୍ନତୀକରଣ, ଚାରାରୋପଣ ଆଦି କାମ ଜାରି ରହିଛି। ଏହି ସମସ୍ତ କାମ ଜାନୁଆରୀ ୬ ସୁଦ୍ଧା ଶେଷ ହେବ।

ସହରକୁ ସରସ ସୁନ୍ଦର କରିବା ପାଇଁ ୫୫ଟି ପ୍ରମୁଖ ରାସ୍ତାରୁ ଉଠାଦୋକାନୀଙ୍କୁ ସ୍ଥାନାନ୍ତର କରାଯାଇ ଉଭୟ ପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ତେବେ ସହର ଗଢ଼ିବାରେ ଉଠାଦୋକାନୀମାନଙ୍କର ମଧ୍ୟ ଅବଦାନ ରହିଛି। ତେଣୁ ସେମାନଙ୍କୁ ରାସ୍ତାରେ ଛଡ଼ାଯିବନି, ବିଏମ୍‌ସି ସେମାନଙ୍କ ପାଇଁ ବ୍ୟବସ୍ଥା କରୁଛି ବୋଲି ମେୟର କହିଛନ୍ତି। ୯ଟି ପ୍ରମୁଖ ଅଞ୍ଚଳରେ ଭୂବିନ୍ୟାସ କରାଯାଉଛି, ଏହି ରାସ୍ତାଗୁଡ଼ିକ ସହିତ ଅନ୍ୟାନ୍ୟ ଗଳିକନ୍ଦି ରାସ୍ତା ନିୟମିତ ସଫେଇ କରାଯାଉଛି। ବିଭିନ୍ନ ସ୍ଥାନରେ ସଫେଇ ଅଭିଯାନ ଜରିଆରେ ରାସ୍ତାକୁ ପରିଷ୍କାର କରାଯାଉଛି। ବର୍ତ୍ତମାନ ସୁଦ୍ଧା ୩ଟି ଜୋନରେ ମୋଟ୍ ୪୦୨ଟି ଗଣସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶେଷକରି ପ୍ରବାସୀ ଭାରତୀୟ ଦିବସ ପାଇଁ ୨୫୦ରୁ ଅଧିକ ସଫେଇ ସେନାଙ୍କୁ ନିୟୋଜିତ କରାଯାଇଛି। ଅପରପକ୍ଷେ ପଳାଶୁଣି, ଭିଏସ୍‌ଏସ୍ ନଗର, ପଟିଆ ଓଭରବ୍ରିଜ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରି ନ ଥିବାରୁ ସହରବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ମେୟର ଅପିଲ୍ କରିଥିଲେ। ସମ୍ମିଳନୀରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ମିହିର କୁମାର ରାଉତ, ଶ୍ରୀଧର ବେହେରା ଓ ରାଜକିଶୋର ଦାସଙ୍କ ସହ ବରିଷ୍ଠ କର୍ପୋରେଟର ଅମରେଶ ଜେନା, ନୃପେଶ ନାୟକ, ପ୍ରୀତିନନ୍ଦା ରାଉତରାୟ, ସନ୍ତୋଷ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କମିଶନରେଟ ପୋଲିସର ମାସ୍କଟ 'ହାପି' ଲୋକାର୍ପିତ

## ୮ରୁ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ: ସୁରକ୍ଷା ପାଇଁ ୮୩ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର,୩।୧(ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରର ଜନତା ମଇଦାନରେ ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆୟୋଜନ ହେବ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏ ନେଇ ଶୁକ୍ରବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କମିଶନରେଟ ପୋଲିସର ମାସ୍କଟ 'ହାପି'ର ଲୋକାର୍ପଣ କରିଛନ୍ତି। ହାପିର ଲକ୍ଷ୍ୟ ହେଉଛି ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସକାରାତ୍ମକ ସମ୍ପର୍କ ସୃଷ୍ଟି ସହ ଅତିଥିଙ୍କୁ ସ୍ୱାଗତ ଓ ସୁରକ୍ଷିତ ଅନୁଭବକୁ ସୁନିଶ୍ଚିତ କରିବା। ସେହିପରି କମିଶନର ସିଂ ସ୍ୱେଚ୍ଛାସେବୀ 'ପ୍ରବାସୀ ମିତ୍ର', ଚବିଶ ଘଣ୍ଟିଆ ହେଲ୍ପ ଲାଇନ ନମ୍ବର ୧୯୬୫, ହ୍ୱାଟ୍ସଆପ୍ ଚାଟ ବୋଟ୍ ଏବଂ ସ୍ୱତନ୍ତ୍ର ପର୍ଯ୍ୟଟକ ପୋଲିସର ଲୋକାର୍ପଣ କରିଛନ୍ତି।

ଏହି ଅବସରରେ କମିଶନର ସିଂ ସାରା ବିଶ୍ୱରୁ ଭୁବନେଶ୍ୱର ଓ କଟକ ଆସୁଥିବା ପ୍ରବାସୀ ଭାରତୀୟମାନେ କିପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ଅବସ୍ଥାପନ କରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରବାସୀ ଭାରତୀୟମାନେ ଆଖପାଖରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ବୁଲି ଦେଖିପାରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଭୁବନେଶ୍ୱର ଓ କଟକର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ୮୩ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି ବୋଲି ପୋଲିସ କମିଶନର କହିଥିଲେ। ଏଥିସହ ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ ପ୍ରାରମ୍ଭିକ ସୂଚନା ଦେବା ସହ ମଞ୍ଚ ପରିଚାଳନା କରିଥିଲେ। କମିଶନରେଟ୍ ପୋଲିସର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଏବଂ ଅନ୍ୟ ଅଧିକାରୀମାନେ ମାସ୍କଟ 'ହାପି'ର ଲୋକାର୍ପଣ କରୁଛନ୍ତି।।

# ୫ରେ ପଥ ଉତ୍ସବ, ଝୁମିବେ ସହରବାସୀ

**ଭୁବନେଶ୍ୱର, ୩।୧(ବନ୍ଦନା ସେଠୀ)**

ଦୁଲୁକିବ ରାଜଧାନୀ ରାସ୍ତା। ପୁଣି ଶୀତୁଆ ସକାଳରେ ନାଚ, ଗୀତ, ଖେଳକୁଦରେ ମତୁଆଲା ହେବେ ସହରବାସୀ। ଜାନୁଆରୀ ୫ ରବିବାରଠାରୁ ପୁଣିଥରେ ଆରମ୍ଭ ହେବ 'ପଥ ଉତ୍ସବ'। ଚଳିତ ବର୍ଷ ନୂଆ ଢଙ୍ଗରେ ଏବଂ ନୂଆ ରୂପରେ ପଥ ଉତ୍ସବ କରାଯିବ। ଏନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଆସନ୍ତା ରବିବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ରାମ ମନ୍ଦିର ମଧ୍ୟରେ ହେବାକୁ ଥିବା ପଥ ଉତ୍ସବରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାଷ୍ଟରକ୍ୟାଣ୍ଟିନଠାରେ ମୁଖ୍ୟ ମଞ୍ଚ ଏବଂ ରାମମନ୍ଦିର ନିକଟରେ ଦ୍ୱିତୀୟ ମଞ୍ଚ ନିର୍ମାଣ ହେବ। ସକାଳ ୬ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଗୀତ, ନୃତ୍ୟ, ଝୋଟି, ଯୋଗ, ସ୍କେଟିଂ, ସାଇକେଲିଂ, ବାସ୍କେଟବଲ୍, ଲୁଡୁ, କୁଇଜ୍ କମ୍ପିଟେଶନ, ରଙ୍ଗୋଲି, ମ୍ୟାଜିକ୍ ଶୋ, କ୍ଲେ ଆର୍ଟ, ଫେସ୍ ପେଣ୍ଟିଂ, ଜୁମ୍ବା ଆଦି ବିଭିନ୍ନ ବିଭାଗ ରହିଛି। ସହରବାସୀ ଏଥିରେ ଭାଗନେବା ସହ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବାର ସୁଯୋଗ ପାଇବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ପଥୋତ୍ସବକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବଥର ପରି ଚଳିତ ବର୍ଷ ମଧ୍ୟ ୩ଟି ଜୋନ୍‌ରେ ପଥ ଉତ୍ସବ ଅନୁଷ୍ଠିତ ହେବ।

# ଦେଶର ବିଭିନ୍ନ ସ୍ଥାନକୁ ସିଧାସଳଖ ବିମାନସେବାର ଶୁଭାରମ୍ଭ



ଉଡାଣ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୩।୧(ସୁନିତ୍ ମିଶ୍ର)**

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଓ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଦେଶର ପ୍ରମୁଖ ସ୍ଥାନଗୁଡ଼ିକୁ ଶୁକ୍ରବାର ଅପରାହ୍ନରେ ବିମାନ ସେବାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରରୁ ଜୟପୁର, କୋଚି, ଲକ୍ଷ୍ନୌ ଓ ପାଟ୍‌ନା ଏବଂ ଝାରସୁଗୁଡ଼ାରୁ ହାଇଦ୍ରାବାଦ, ରାୟପୁର ଓ ଲକ୍ଷ୍ନୌକୁ ବିମାନ ଚଳାଚଳ କରିବ। ନୂଆ ଡେଷ୍ଟିନେଶନ ପଲିସି (ଏନ୍‌ଡିପି) ୨୦୨୪ ଆଧାରରେ ଏପରି ଉଡ଼ାଣ ରାଜ୍ୟର ବିମାନସେବା ଭିତ୍ତିଭୂମିକୁ ପ୍ରଶସ୍ତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଉଡ଼ାଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ ପତାକା ଦେଖାଇ ବିମାନସେବାର ଶୁଭାରମ୍ଭକରି କହିଛନ୍ତି, ଏହା ଫଳରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହ ଆମ ରାଜ୍ୟର ଲୋକ, ସଂସ୍କୃତି ଓ ଅର୍ଥନୀତି ମଧ୍ୟ ସଂଯୁକ୍ତ ହେବ । ଏହି ବିମାନ ସେବା ସମସ୍ତଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ କରିବ ଓ ଜୀବନଧାରାକୁ ସୁଗମ କରିବ ବୋଲି ସେ କହିଛନ୍ତି। ପ୍ରଥମ ବିମାନଯାତ୍ରୀଙ୍କୁ ସେ ଟିକେଟ ହସ୍ତାନ୍ତର କରିଛନ୍ତି। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଓ ଷ୍ଟାର୍ ଏୟାର ରାଜ୍ୟ ସରକାରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଛନ୍ତି ଏବଂ ଦେଶର ବିଭିନ୍ନ ଅଞ୍ଚଳ ସହ ଓଡ଼ିଶାର ଯୋଗାଯୋଗକୁ ଗତିଶୀଳ କରିଛନ୍ତି । ଶନିବାର ଲକ୍ଷ୍ନୌକୁ ଉଡ଼ାଣ ଆରମ୍ଭ ହେବ। ୧୫ ତାରିଖରେ ପାଟ୍‌ନାକୁ ମଧ୍ୟ ଉଡ଼ାଣ ହେବ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ରାଜ୍ୟରେ ବିମାନସେବା କ୍ଷେତ୍ରରେ ଏପରି ସମ୍ପ୍ରସାରଣ ଅର୍ଥନୈତିକ ପ୍ରଗତି ଓ ସୁଦୃଢ଼ ସମ୍ପର୍କକୁ ଅଧିକ ଗତିଶୀଳ କରିବା ସହ ଆମର ପର୍ଯ୍ୟଟନ ସମେତ ବିମାନସେବା କ୍ଷେତ୍ରକୁ ପରିପୁଷ୍ଟ କରିବ।

# କଡ଼ା ସୁରକ୍ଷା, ହୋଟେଲରେ ଯାଞ୍ଚ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩।୧ (ସୂର୍ଯ୍ୟକାନ୍ତ ବେହେରା)**

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ଶୃଙ୍ଖଳିତ ତଥା ସୁଚାରୁରୂପେ ଆୟୋଜନ ଓ ପରିଚାଳନା ନିମନ୍ତେ ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନତା ମଇଦାନ, ବିମାନବନ୍ଦର ସମେତ ଅତିଥିଙ୍କ ଆଗମନ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା, ଭିଭିଆଇପିଙ୍କ ରୁଟ୍‌ଲାଇନ ଏବଂ ଟ୍ରାଫିକ ବ୍ୟବସ୍ଥା ଆଦି ସଂକ୍ରାନ୍ତରେ ଉପଯୁକ୍ତ ପଦକ୍ଷେପ ନେବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ସହର ସମେତ କଟକ ଓ ପୁରୀ ଜିଲାର ହୋଟେଲଗୁଡ଼ିକରେ ତନ୍ନ ତନ୍ନ ଯାଞ୍ଚ ସହ ଅତିଥିଙ୍କ ସମ୍ପୂର୍ଣ୍ଣ ବିବରଣୀ ସମ୍ପର୍କରେ ସମସ୍ତ ତଥ୍ୟ ପୋଲିସ ରଖିବା ଏବଂ ଏହାର ତଦାରଖ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଗୋଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିଆଇଜି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମିନା, ଭୁବନେଶ୍ୱର ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବହୁ ଯୋଜନା ପ୍ରଣୟନ କରିଥିଲେ ଜାନକୀବଲ୍ଲଭ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

**ଭୁବନେଶ୍ୱର,୩।୧(ସୌମ୍ୟରଞ୍ଜନ ରାଉତ)**

ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ସୂଚନା ଭବନରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ହରପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଦାଶ ବେନହୁର ପ୍ରମୁଖ ଯୋଗଦେଇ ଜାନକୀ ବଲ୍ଲଭଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ କହିଥିଲେ, ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ ଏକାଧାରରେ ବିଶିଷ୍ଟ ଜନନାୟକ, ରାଜନେତା, ସୁସାହିତ୍ୟିକ ଓ ସାମ୍ବାଦିକ। ତାଙ୍କ ରାଜନୈତିକ ଜୀବନ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ, ସେ ହିଁ ପ୍ରଥମେ ଓଡ଼ିଶାରେ ପାଞ୍ଚବର୍ଷ ପାଇଁ ସ୍ଥାୟୀ ଶାସନ ଦେଇଥିଲେ। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୦ ବର୍ଷ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ଉନ୍ନତି ପାଇଁ ବହୁ ଯୋଜନା ପ୍ରଣୟନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସାହିତ୍ୟ ସାଧନା କ୍ଷେତ୍ରରେ ଅଧ୍ୟାପକ ବିଶ୍ୱରଞ୍ଜନ, ସାମ୍ବାଦିକତା କ୍ଷେତ୍ରରେ ପ୍ରଦୋଷ ପଟ୍ଟନାୟକ, ପରିବେଶ ଓ ପରିବେଶ ସୁରକ୍ଷା ପାଇଁ ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଟ୍ରାଇଡେଣ୍ଟ ମହାବିଦ୍ୟାଳୟ ପକ୍ଷରୁ ବର୍ଷାଜଳ ଅମଳକୁ ଗୁରୁତ୍ୱ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ଟ୍ରାଇଡେଣ୍ଟ ବୈଷୟିକ ମହାବିଦ୍ୟାଳୟର ୩ଟି ଛାତ୍ରାବାସର ଛାତ ଉପରେ ଟ୍ରାଇଡେଣ୍ଟ ସିଭିଲ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଏକ ବୃହତ୍ ବର୍ଷାଜଳ ଅମଳ ସିଷ୍ଟମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଦକ୍ଷିଣ-ପୂର୍ବାଞ୍ଚଳ ଆଞ୍ଚଳିକ ନିର୍ଦ୍ଦେଶକ ଡ. ବି.କେ. ସାହୁ ଯୋଗଦେଇ ବର୍ଷାଜଳ ଅମଳର ଗୁରୁତ୍ୱ ଓ ପରିଚାଳନା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବନାରାୟଣ ପଟ୍ଟନାୟକ ଏବଂ ସ୍କୁଲ୍ ଅଫ୍ ସାଇନ୍ସର ଡିନ୍ ଡ. ଶକୁନ୍ତଳା ମହାପାତ୍ର ଉପସ୍ଥିତ ଥିଲେ। ଦେଶ ତଥା ବିଶ୍ୱରେ ଜଳର ଉପଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ୬ଟି ଏକାଡେମିକ୍ ବିଲ୍ଡିଂରେ ପରବର୍ତ୍ତୀ ପର୍ଯ୍ୟାୟରେ ବର୍ଷାଜଳ ଅମଳ ସିଷ୍ଟମ୍ ସ୍ଥାପନ କରାଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।



# ମାର୍ଚ୍ଚ ୨୧ରୁ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ

## ଯୋଗଦେବେ ୨୫ ଭାଷାର ୫୦୦ ଲେଖକ, ବକ୍ତା, ବୁଦ୍ଧିଜୀବୀ

**ଭୁବନେଶ୍ୱର,୩।୧(ସୁଚିସ୍ମିତା ସାହୁ)**

ରାଜଧାନୀ ଭୁବନେଶ୍ୱରରେ ୧୧ତମ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ (କେଏଲ୍‌ଏଫ୍) ଆସନ୍ତା ମାର୍ଚ୍ଚ ୨୧ରୁ ଆରମ୍ଭ ହେବ। ୩ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ୨୫ରୁ ଉର୍ଦ୍ଧ୍ୱ ଭାଷା ସହ ଜଡ଼ିତ ୫୦୦ରୁ ଅଧିକ ଲେଖକ, ବୁଦ୍ଧିଜୀବୀ, ବକ୍ତା, ଚିନ୍ତାଶୀଳ ନେତୃତ୍ୱ ପ୍ରମୁଖ ଯୋଗଦେବେ। ମେ ଫେୟାର ଲାଗୁନ, କଳାଭୂମି ଏବଂ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କେଏଲ୍‌ଏଫ୍ ପ୍ରତିଷ୍ଠାତା ରଶ୍ମିରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

ଏହି ଅବସରରେ ସାଂସ୍କୃତିକ ଜାତୀୟତାବାଦ, ମହିଳାଙ୍କ ସ୍ୱର ଏବଂ ପରିଚୟ, ଅପରାଧ ଫିକ୍ସନ, ସ୍ମରଣିକା, ଅନୁବାଦ, କବିତା, ଅର୍ଥନୀତି, ଜେନେରେଶନ ୱାଇ, ଭାରତୀୟ ଭାଷା, ମୁଦ୍ରଣ ଶିଳ୍ପ, ପୁରାଣ, ମିଡିଆ, ବଜାର, ଶିଶୁ, ମହିଳା, କିନ୍ନର, ନାଗରିକଙ୍କ ଅଂଶଗ୍ରହଣ, ସିନେମା, କ୍ରୀଡ଼ା ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ବିଭିନ୍ନ ବିଷୟର ବିଶେଷଜ୍ଞଙ୍କ ଦ୍ୱାରା ୱାନ ଟୁ ୱାନ, ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ରହିବ। ନେପାଳ, ଶ୍ରୀଲଙ୍କା, ଭୁଟାନ, ଇଣ୍ଡୋନେସିଆ, ଜାପାନ, ୟୁକେ, ସ୍ପେନ, ଫ୍ରାନ୍ସ, ୟୁଏସ୍‌ଏ ଏବଂ ଅନ୍ୟ ଦେଶରୁ ପ୍ରତିଷ୍ଠିତ ଲେଖକମାନେ ଏଠାରେ ବକ୍ତାଙ୍କ ସମେତ ୧୦୦ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷର ସଂସ୍କରଣ, ସାହିତ୍ୟିକ ଭାବନା, ବିଶ୍ୱସ୍ତରୀୟ ସ୍ୱରକୁ ଭୁବନେଶ୍ୱରରେ ଏକତ୍ର କରିବାର ଏକ ପ୍ରମୁଖ ପ୍ଲାଟଫର୍ମ ବୋଲି କେଏଲ୍‌ଏଫ୍ ପ୍ରତିଷ୍ଠାତା କହିଛନ୍ତି।

# କଲେଜରୁ ନାବାଳିକା ନିଖୋଜ

**ବାଲିଅନ୍ତା,୩।୧(ନୀଳମାଧବ ସାହୁ)**

ବାଲିଅନ୍ତାସ୍ଥିତ ଏକ ଜୁନିୟର କଲେଜକୁ ପଢ଼ିବାକୁ ଆସି ଶୁକ୍ରବାର ମଧ୍ୟାହ୍ନରେ ଜଣେ ନାବାଳିକା ଛାତ୍ରୀ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ଛାତ୍ରୀ ଯୁକ୍ତ ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ସେ ଘରୁ ପୂର୍ବାହ୍ନ ୧୦ଟାରେ କଲେଜକୁ ଆସିଥିଲେ। କଲେଜରେ ଦୁଇଟି କ୍ଲାସ୍‌ରେ ଉପସ୍ଥିତ ଥିଲେ। ପରେ ତାଙ୍କ ମୋବାଇଲ ଫୋନ୍‌ରୁ ମା'ଙ୍କ ପାଖକୁ ଏକ ମେସେଜ୍ ଯାଇଥିଲା। ତା' ପରଠାରୁ ଛାତ୍ରୀଙ୍କ ମୋବାଇଲ ଫୋନ୍ ସୁଇଚ୍‌ଅଫ୍ ହୋଇଯାଇଥିଲା। ଛାତ୍ରୀ ଜଣଙ୍କ ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ଘର ଲୋକଙ୍କ ସନ୍ଦେହ ବଢ଼ିଥିଲା। ପରିବାର ଲୋକେ କଲେଜକୁ ଆସି ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଏନେଇ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ କେହି ଅପହରଣ କରି ନେଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ପ୍ରଜ୍ଞାନ ମିଶନ ପକ୍ଷରୁ ୫ରୁ ଗୀତା ଜ୍ଞାନଯଜ୍ଞ



**ଭୁବନେଶ୍ୱର,୩।୧(ସୌମ୍ୟରଞ୍ଜନ ରାଉତ)**

ପ୍ରଜ୍ଞାନ ମିଶନ ପକ୍ଷରୁ ଜାନୁଆରୀ ୫ରୁ ୭ତାରିଖ ପର୍ଯ୍ୟନ୍ତ ଗୀତା ଜ୍ଞାନଯଜ୍ଞ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ପ୍ରଜ୍ଞାନ ମିଶନର ସହସମ୍ପାଦକ ସ୍ୱାମୀ ଅର୍ନିବାଣାନନ୍ଦ ଗିରି ନିକୋ ପାର୍କ ନିକଟସ୍ଥ ଜୟଭାରତ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଗୀତା ଜ୍ଞାନଯଜ୍ଞରେ ଅନ୍ତର୍ଜାତୀୟ କ୍ରିୟାଯୋଗ ସଂସ୍ଥାର ଆଧ୍ୟାତ୍ମିକ ମୁଖ୍ୟ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଆଶୀର୍ବଚନ ପ୍ରଦାନ କରିବେ। ପ୍ରତ୍ୟହ ସନ୍ଧ୍ୟା ୫ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ଭଜନ ସନ୍ଧ୍ୟା ଏବଂ ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଗୀତା ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜାନୁଆରୀ ୬ ସକାଳ ୮ଟାରେ ଜୟଦେବ ବିହାର ନିକଟସ୍ଥ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟଠାରେ କ୍ରିୟାଯୋଗ ଦୀକ୍ଷା ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

## ସେବା ସମବାୟ ସମିତିର ୬୦ତମ ବାର୍ଷିକ ସାଧାରଣ ସଭା

**ବାଲିଅନ୍ତା,୩।୧(ନୀଳମାଧବ ସାହୁ)**

ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତିର ୬୦ତମ ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସୁଧିର ଚରଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ଡାଇରେକ୍ଟର ବିପିନ ପାତ୍ର ଯୋଗଦେଇ ସମିତି ଅଗ୍ରଗତି ଓ ଆୟବୃଦ୍ଧି ଉପରେ ଆଲୋକପାତ କରିଥିଲେ। ମାର୍କଫେଡ ସଭାନେତ୍ରୀ କବିତା ମଞ୍ଜରୀ ପରିଡ଼ା, ଉପସହକାରୀ ନିବନ୍ଧକ ଅମୀୟ କୁମାର ଖୁଣ୍ଟିଆ, ବାଲିଅନ୍ତା ଶାଖା ପରିଚାଳକ ସସ୍ମିତା ନାୟକ, ସ୍ଥାନୀୟ ସରପଞ୍ଚ ଶଦ୍ଧେୟା ପାତ୍ର, ସମିତି ସଭ୍ୟା ଉମାରାଣୀ ମହାନ୍ତି, ବହୁ ଡାଇରେକ୍ଟର ଓ ସଭ୍ୟ ଯୋଗଦେଇଥିଲେ। ସମିତି ସମ୍ପାଦକ ବିଶ୍ୱନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କରୁଣାକର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବସ୍‌ଯାତ୍ରା

## ଭିଡିଓ ଭାଇରାଲ




**ବାରଙ୍ଗ,୩।୧(ଲିଙ୍ଗରାଜ ରାଉତ)**

ପରିବହନ ବିଭାଗ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ଏକ ଘରୋଇ ବସ୍ ବାରଙ୍ଗ ରାସ୍ତା ଦେଇ ଚାଲିଥିବା ଶୁକ୍ରବାର ବାରଙ୍ଗ ରାସ୍ତାରେ ଦେଖିବାକୁ ମିଳୁଛି। ନିଜର ଲାଭ ପାଇଁ ଯାତ୍ରୀଙ୍କୁ ବିପଦସଙ୍କୁଳ ଅବସ୍ଥାରେ ବସ୍‌ର କର୍ମଚାରୀ ନେଇଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକାଶ ଯେ, ଏକ ଯାତ୍ରୀବାହୀ ବସ୍ ଅନୁଗୋଳରୁ ଭୁବନେଶ୍ୱର ମଧ୍ୟରେ ଭାୟା ବାରଙ୍ଗ ଦେଇ ଚଳପ୍ରଚଳ କରୁଛି। ଶୁକ୍ରବାର ଦ୍ୱିପ୍ରହର ସମୟରେ ଉକ୍ତ ବସ୍‌ଟି ଯାତ୍ରୀ ନେଇ ଅନୁଗୋଳ ଯାଉଥିଲା। ବାରଙ୍ଗ ରାସ୍ତା ଅତିକ୍ରମ କରିବାବେଳେ ଯାତ୍ରୀ ବିପଜ୍ଜନକ ଅବସ୍ଥାରେ ବସ୍‌ର ଦ୍ୱାରରେ ଓହଳିଥିବାବେଳେ ଜଣେ ବ୍ୟକ୍ତି ପଛପଟ ଶିଡ଼ିରେ ଝୁଲିକରି ଯାଉଥିବା ଦେଖିବାକୁ ମିଳିଥିଲା। ଏହି ଦୂରଗାମୀ ବସ୍‌ଟି ଅତ୍ୟାଧୁନିକ ବସ୍ ହୋଇଥିବା ସତ୍ତ୍ୱେ ପରିବହନ ବିଭାଗର ନିୟମାନୁସାରେ ଆବଶ୍ୟକଠାରୁ ବହୁ ଅଧିକ ଯାତ୍ରୀଙ୍କୁ ବସ୍‌ରେ ନେଉଛି। କିନ୍ତୁ ବସ୍‌ର ଚାଳକ କିମ୍ବା କଣ୍ଡକ୍ଟର ଏଥିପ୍ରତି କାହିଁକି ଧ୍ୟାନ ଦେଉନାହାନ୍ତି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବ ତାହା ଏବେ ଦ୍ୱନ୍ଦ୍ୱର କାରଣ ପାଲଟିଛି। ଏହି ଭିଡିଓ ଏବେ ବାରଙ୍ଗ ଅଞ୍ଚଳରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ପରେ ପରିବହନ ବିଭାଗ ତୁରନ୍ତ ଉକ୍ତ ବସ୍ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

**ଅବକାରୀ ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ମାଡ଼ ଘଟଣାରେ ଆଉ ଜଣେ ଗିରଫ**

ତିଗିରିଆ,(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାସ୍ଥିତ ବସ୍‌ଷ୍ଟାଣ୍ଡରେ ଡିସେମ୍ବର ୧୮ରେ ଗଞ୍ଜେଇ କାରବାର ଅଭିଯୋଗରେ ଚଢ଼ାଉବେଳେ ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ସ୍ଥାନୀୟ ପଙ୍କାଳ ଗ୍ରାମର କେତେଜଣ ଯୁବକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଏହି ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ସଫିକ ଖାଁ। ପୂର୍ବରୁ ଏହି ଘଟଣାରେ ଜଣେ ମହିଳା ସମେତ ୬ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୨୯୯/୨୪) ରୁଜୁ ହୋଇଛି।

**ସଂକ୍ଷେପରେ**

## କଟକ: ୫ରେ ପ୍ରଥମଥର ହେବ ପଥ ଉତ୍ସବ

କଟକ,୩।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ପ୍ରଶାସନ ଏବଂ ସିଏମ୍‌ସିର ମିଳିତ ଆନୁକୂଲ୍ୟରେ ଆସନ୍ତା ୫ରେ କଟକରେ ପ୍ରଥମଥର ପାଇଁ ପଥ ଉତ୍ସବ ଅନୁଷ୍ଠିତ ହେବ। ବାରବାଟୀ ଦୁର୍ଗ ଗେଟ୍‌ଠାରୁ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ ପର୍ଯ୍ୟନ୍ତ ସକାଳ ସାଢେ ୭ଟାରୁ ପୂର୍ବାହ୍ନ ସାଢେ ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଯିବ। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଟାଏକୋଣ୍ଡୋ, ଚିତ୍ରାଙ୍କନ, ରଙ୍ଗୋଲି, ଦସ୍ତଖତ ଅଭିଯାନ, ସ୍କେଟିଂ, ଜୁମ୍ବା, ବାଲୁକା କଳା, ପବ୍ଲିକ ୱାଲ୍ ପେଣ୍ଟିଂ, ଫେସ୍ ପେଣ୍ଟିଂ, ସ୍ୱାସ୍ଥ୍ୟ ଶିବିର, ଲୋକନୃତ୍ୟ, ନୁକ୍କଡ଼ ନାଟକ, ଶୋଭାଯାତ୍ରା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ନାନିବାଇ କୋ ମାୟରୋ ପ୍ରବଚନ

କଟକ,୩।୧(କାର୍ତ୍ତିକ ସାହୁ)

ଆପ୍ ଓର ହମ୍ ଅନୁଷ୍ଠାନ ପକ୍ଷରୁ ବିଡ଼ାନାସୀସ୍ଥିତ ସିଡିଏ ମିନି ଷ୍ଟାଡିୟମଠାରେ ୩ ଦିନିଆ ନାନିବାଇ କୋ ମାୟରୋ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱପ୍ରସିଦ୍ଧ କଥାବାଚକ ଜୟାକିଶୋରୀ ଜୀ ଏଥିରେ ଯୋଗଦେଇ ଆଧ୍ୟାତ୍ମିକତାର ବାଣୀ ଶ୍ରବଣ କରାଇଛନ୍ତି। ଅନୁଷ୍ଠାନର ସଦସ୍ୟ ଅମିତ ଅଗ୍ରୱାଲ, ବିବେକ ମୋଡ଼ା, ବିଜୟ ଭରଲାବାଲା, ଅବିନାଶ ଛାପୋଲିଆ, ମହେନ୍ଦ୍ର ମୋଦି, ରତନ ମୋଦି, ସଚିନ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ରୋହିତ ଗୁପ୍ତା, ସୁରେଶ ନାଙ୍ଗାଲିଆ, ଅଖିଳ ପୋଦ୍ଦାର, ଯୋଗେଶ ସରଲିଆ ଓ ବିକାଶ ଖେରିଆଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୁହା ପ୍ଲେଟ୍ ଚୋରି, ଅଭିଯୁକ୍ତ ଗିରଫ

କଟକ ସଦର,୩।୧(ସୁଶାନ୍ତ କୁମାର ଜେନା)

ଚୋରି ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ମିରଟ ଉତ୍ତର ପ୍ରଦେଶର ରାଜନ କୁମାର ଗୁପ୍ତା। ପୋଲିସ ସୂତ୍ରରୁ ପ୍ରକାଶ, ଜଣେ ବ୍ୟକ୍ତି ନୂଆ ଘର କରୁଥିଲେ। କେହି ନ ଥିବା ଅବସ୍ଥାରେ ରାଜନ ଉକ୍ତ ଅର୍ଦ୍ଧନିର୍ମିତ ଘରେ ପଶି ଲୁହାପ୍ଲେଟ୍ ଓ ପାଇପ ନେଇ ପଳାଯାଉଥିବାବେଳେ ଖରିପଡିଆ ଗ୍ରାମର ଲୋକମାନେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨/୨୫) ରୁଜୁ ହୋଇଛି।

## କଟକ ଜିଲା ବିଜେଡିର ପ୍ରସ୍ତୁତି ବୈଠକ

କଟକ,୩।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ବିଜେଡିର ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବିଧାୟକ ଅରୁଣ ସାହୁ, ପୂର୍ବତନ ବିଧାୟକ ପ୍ରତାପ ଜେନା, ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା ଯୋଗଦେଇଥିଲେ। ଦରଦାମ୍ ବୃଦ୍ଧି ପ୍ରସଙ୍ଗକୁ ନେଇ ଆସନ୍ତା ୬ରେ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନରେ କଟକ ଜିଲାର ଶତାଧୀକ କର୍ମୀ ଯୋଗଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଜେଡିର ବରିଷ୍ଠ ନେତୃବୃନ୍ଦ, ଯୁବଛାତ୍ର ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେବ ଉଠା ଜଳସେଚନ ପ୍ରକଳ୍ପ

କଟକ,୩।୧(କାର୍ତ୍ତିକ ସାହୁ)

**ନବମ ଜିଲା ପରିଷଦ ବୈଠକ**


ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କ ସମେତ ଅନ୍ୟମାନେ।

ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବା, ନଳକୂପ ସ୍ଥାପନ, ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରାଯିବା ସହ ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ କରାଯିବା ଆଦି ଉପରେ ନବମ ଜିଲା ପରିଷଦ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଜିଲାରେ ବିଭିନ୍ନ ଜନହିତକର କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ପ୍ରମୁଖ ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରଖାଯିବ ବୋଲି ଜନ ପ୍ରତିନିଧିମାନେ ମତ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ, ବିଭିନ୍ନ ବ୍ଲକର ବୃହତ ଜଳ ଯୋଗାଣ ବ୍ୟବସ୍ଥା ଓ ଏହାର ସ୍ଥିତି, ବୃହତ ଉଠା ଜଳ ଯୋଗାଣ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଶେଷକରି ସ୍ୱାସ୍ଥ୍ୟ ସେବା, ଜଳ ଉତ୍ସର ଉନ୍ନତିକରଣ, ଅଦିନିଆ ବର୍ଷା ଯୋଗୁ ଫସଲ କ୍ଷୟକ୍ଷତିର ଆକଳନ, ରାସ୍ତା ଓ କୋଠାବାଡ଼ି ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବ୍ଲକରେ ଆଦର୍ଶ ବିଦ୍ୟାଳୟକୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବା, କେତେକ ସ୍ଥାନରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇ ଏହାର ବକେୟା ଦେୟ ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଯାଇଥିଲା।

ଜିଲା ପରିଷଦର ସଭ୍ୟାସଭ୍ୟମାନେ ଉତ୍ଥାପନ କରିଥିବା ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଜିଲାପାଳ ଅବଗତ ହୋଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଯୋଗାଣ ଅଧିକାରୀ, ବିଭିନ୍ନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ବିଡିଓ, ବ୍ଲକ ଚେୟାରମ୍ୟାନ, ପ୍ରତିନିଧି, ଜିଲା ପରିଷଦ ସଦସ୍ୟାସଦସ୍ୟବୃନ୍ଦ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ବୈଠକରେ ଯୋଗଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୩।୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଡ଼କ୍ଷୀର ଗ୍ରାମରେ ଶୁକ୍ରବାର ନିଜର ଅର୍ଦ୍ଧନିର୍ମିତ କୋଠାଘରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ସ୍ୱର୍ଗତ ଗଣେଶ୍ୱର ସାହୁଙ୍କ ପୁତ୍ର ବିଜୟ କେତନ ସାହୁ(୩୬)। ବିଜୟ କେତନ ତାଳଚେର ଅଞ୍ଚଳରେ ରହି କାର୍ଯ୍ୟ କରୁଥିଲେ। ଗତ କିଛି ଦିନ ହେଲା ନିଜ ପୈତୃକ ବାସଭବନ ବଡକ୍ଷୀରଠାରେ ରହିଆସୁଥିଲେ। ସକାଳେ ସେ ସ୍ନାନକରି ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। କିଛି ସମୟ ପରେ ତାଙ୍କ କୋଠାଘରର ୨ ମହଲାରେ ଥିବା ଅର୍ଦ୍ଧନିର୍ମିତ ଘରେ ରଶି ଲଗାଇ ଝୁଲି ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ବହୁ ଲୋକଙ୍କ ଭିଡ଼ ଜମିଥିଲା। ତାଙ୍କ ବଡ଼ଭାଇ ଲିଙ୍ଗରାଜ ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧/୨୫ ରୁଜୁ ହୋଇଛି। ତେବେ ସେ କ'ଣ ପାଇଁ ଆତ୍ମହତ୍ୟା କଲେ ତାହା ଜଣା ପଡ଼ିନାହିଁ।

# ଧାନ ନ ଉଠିବାରୁ ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ଆଠଗଡ,୩।୧(ସତ୍ୟ ପ୍ରସାଦ ରଥ)

**ଧାନର ଏଫଏକ୍ୟୁ ମାନ ନିର୍ଦ୍ଧାରଣ ନେଇ ଚାଷୀ-ମିଲର ମୁହାଁମୁହିଁ**

ଖରିଫ ଋତୁରେ ଚାଷୀଙ୍କ ପାଖରୁ ବଳକା ଧାନ କ୍ରୟ ପାଇଁ ଆଠଗଡ ବ୍ଲକରେ ମଣ୍ଡି ଖୋଲିଛି। ତେବେ ଆଠଗଡ ବ୍ଲକ କୁଲାଇଲୋ ସେବା ସମବାୟ ସମିତିରେ ଶୁକ୍ରବାର ଧାନ ବିକ୍ରିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏଫ୍‌ଏକ୍ୟୁ ମାନକୁ ନେଇ ଚାଷୀ ଓ ମିଲର ମୁହାଁମୁହିଁ ହୋଇଛନ୍ତି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମାନର ଧାନ ହୋଇ ନ ଥିବାରୁ ମିଲରମାନେ ଚାଷୀମାନଙ୍କଠାରୁ ଧାନ ଉଠାଇ ନ ଥିଲେ। ଧାନ ଆଣିଥିବା ଚାଷୀ ପୂର୍ଣ୍ଣ ଚନ୍ଦ୍ର ବେଉରାୟ ଓ ବଙ୍କିମ ଚନ୍ଦ୍ର ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ଧାନକୁ ସମ୍ପୂର୍ଣ୍ଣ ସଫା କରି ଶୁଖାଇ ୩୭ କିଲୋ ଅଖାରେ ଆଣିଥିଲୁ। ମାତ୍ର ମଣ୍ଡିରେ ଧାନର ମାନ ବିଶ୍ଲେଷଣ ପାଇଁ ଯନ୍ତ୍ର ଓ ଚାଳକ ନ ଥିବାରୁ ମାନ ନିର୍ଦ୍ଧାରଣ କରାଯାଇ ପାରିନାହିଁ। ଆଠଗଡ ଉପଖଣ୍ଡ ପାଇଁ ନରସିଂହପୁର ବଜାର କମିଟି କାର୍ଯ୍ୟାଳୟରେ ଥିବା ବିଶ୍ଲେଷଣ ଯନ୍ତ୍ର ସାହାଯ୍ୟ ପାଇଁ ଚାଷୀମାନେ ଯାଇଥିଲେ। ସେଠାରେ ଉକ୍ତ ଯନ୍ତ୍ର ଦ୍ୱାରା ନିର୍ଦ୍ଧାରିତ ମାନକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏହି ମାନର ଧାନ ନେବା ପାଇଁ ମିଲର ମନା କରିବା ପରେ ବିବାଦ ଦେଖାଦେଇଥିଲା। ଫଳରେ ସକାଳୁ ଆସି ଅପେକ୍ଷା କରିଥିବା ଚାଷୀ ଉତ୍ତ୍ୟକ୍ତ ହୋଇ ମଣ୍ଡିରେ ତାଲା ପକାଇଦେଇଥିଲେ। ମଣ୍ଡିର ନୋଡାଲ ଅଫିସର କୁଲାଇଲୋ ରାଜସ୍ୱ ନିରୀକ୍ଷକ ତ୍ରିନାଥ ପ୍ରଧାନଙ୍କଠାରୁ ଖବରପାଇ ଆଠଗଡ ତହସିଲଦାର କ୍ଷେତ୍ର ମୋହନ ସ୍ୱାଇଁ, ଆଠଗଡ ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସନ୍ଧ୍ୟା ସମୟରେ ଆଠଗଡ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ, ଆଠଗଡ ପୋଲିସ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ବେଉରାୟ, ସମିତିର ସଭାପତି ସୁବାସ ଭୋଇ, କୃଷକ ପ୍ରତିନିଧି ଓ ମିଲରଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା। ଖବର ଲେଖାହେଲାବେଳକୁ ମଣ୍ଡିରୁ ଧାନ ଉଠି ନ ଥିଲା। ସରକାରଙ୍କ ଦ୍ୱାରା ଘୋଷିତ ବୋନସ ରାଶି ପାଇବା ପାଇଁ ନିର୍ଦ୍ଧାରିତ ଏଫ୍‌ଏକ୍ୟୁ ମାନକୁ ନେଇ ଚାଷୀ ମିଲର ତଥା ସରକାରୀ ଅଫିସରମାନେ କୌଣସି ନିଷ୍ପତ୍ତି ନ ନେଇ ପାରିବା ଫଳରେ ଏ ନେଇ ମଣ୍ଡିରେ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି ଆଠଗଡ ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ କହିଛନ୍ତି।


କଟକ ବିଡାନାସୀସ୍ଥିତ ମିନି ଷ୍ଟାଡିୟମରେ ଆପ୍ ଔର ହମ୍ ପକ୍ଷରୁ ତିନିଦିନିଆ ପ୍ରବଚନ କାର୍ଯ୍ୟକ୍ରମର ଶୁକ୍ରବାର ପ୍ରଥମ ସନ୍ଧ୍ୟାରେ ଆଧ୍ୟାତ୍ମିକ କଥାବାଚକ ଜୟାକିଶୋରୀ ଆଶୀର୍ବଚନ ଦେଉଛନ୍ତି। ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁ।

# ବିଦ୍ୟୁତ୍ କର୍ମଚାରୀଙ୍କ ବଦଳି ପ୍ରତିବାଦରେ ଧାରଣା

ଖୁଣ୍ଟୁଣୀ,୩।୧(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବିଦ୍ୟୁତ୍ ଡିଭିଜନ ସମେତ କେନ୍ଦ୍ରାପଡା ଓ ମାର୍ଶାଘାଇରେ କାର୍ଯ୍ୟରତ ବିଦ୍ୟୁତ୍ ବିତରକ ସଂସ୍ଥା ଟିପିସିଓଡିଏଲ୍‌ର ୯ଜଣ ଫ୍ରାଞ୍ଚାଇଜ ବିଏ କର୍ମଚାରୀଙ୍କୁ ଆକ୍ରୋଶମୂଳକ ଭାବେ ଦୂର ସ୍ଥାନକୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଶୁକ୍ରବାରଠାରୁ ଖୁଣ୍ଟୁଣୀ ସମେତ ରାଜ୍ୟର ୨୦ଟି ବିଦ୍ୟୁତ୍ ଡିଭିଜନରେ ମହାସଂଘ ଶାନ୍ତିପୂର୍ଣ୍ଣ ଧାରଣା ଆରମ୍ଭ କରିଛି। ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ମଧ୍ୟ ଏହି ଡ଼ାକରାରେ ସାମିଲ ହୋଇଛି। ବିଏ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଅହୋରାତ୍ର ଧାରଣା ଦେବା ଫଳରେ ବିଦ୍ୟୁତ୍ ସେବା ଅନେକାଂଶରେ ବ୍ୟାହତ ହୋଇଛି। ଖୁଣ୍ଟୁଣୀଠାରେ ଆୟୋଜିତ ଧାରଣାସ୍ଥଳରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡା ପହଞ୍ଚି ଅନଶନରେ ବସିଛନ୍ତି। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ବଦଳି ଆଦେଶ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ଶନିବାରଠାରୁ ଟିପିସିଓଡିଏଲ୍ ଭୁବନେଶ୍ୱର ମୁଖ୍ୟାଳୟ ସମ୍ମୁଖରେ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଅନଶନ କରିବ ବୋଲି ମହାସଂଘ ସାଧାରଣ ସମ୍ପାଦକ ପରିଡା ସୂଚନା ଦେଇଛନ୍ତି। ଏହି ଧାରଣାରେ ଖୁଣ୍ଟୁଣୀ ବିଦ୍ୟୁତ୍ ସେକ୍ସନ ଅଧୀନରେ କାର୍ଯ୍ୟରତ ୨୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଛନ୍ତି।

# ଆକ୍ରମଣ, ଲୁଟ ଅଭିଯୋଗରେ ଜଣେ ଗିରଫ

ନିଶ୍ଚିନ୍ତକୋଇଲି,୩।୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ କୁଳଗାଁଇଶାଳୋ ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ସଙ୍ଘବଦ୍ଧଭାବେ ଆକ୍ରମଣ କରାଯିବା ସହ ତାଙ୍କ ଟଙ୍କା ଓ ମୋବାଇଲ ଛଡାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ ନେମାଳ ଥାନା ଅନ୍ତର୍ଗତ ଜମରା ଗ୍ରାମର ମାନସ ରଞ୍ଜନ ସାହୁ(୨୪)। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ନାବାଳକଙ୍କୁ ଜୁଭେଲାଇଲ କୋର୍ଟରେ ହାଜର କରାଯାଇଛି। ମାନସ ଓ ସମ୍ପୃକ୍ତ ନାବାଳକଙ୍କ ସମେତ ୭-୮ଜଣ ଯୁବକ କୃଷ୍ଣଚନ୍ଦ୍ରଙ୍କୁ ବୁଧବାର ମାଡ଼ ମାରି ତାଙ୍କଠାରୁ ୧୫ହଜାର ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପୃଥକ୍ ମାମଲାରେ ୪ ଗିରଫ

ଚୌଦ୍ୱାର,୩।୧(ଆଶୁତୋଷ ଦାସ)

ପୃଥକ୍ ମାମଲାରେ ଚୌଦ୍ୱାର ପୋଲିସ ୪ ଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ କୁସୁନ୍ନପୁର ଝୁମ୍ପୁରୀ ସାହିରେ ଜମିବାଡ଼ିକୁ କେନ୍ଦ୍ରକରି ଶିବନାଥ ପୂର୍ତ୍ତି ଓ ସିକନ୍ଦର ପୂର୍ତ୍ତୀଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଥିଲା। ଗତ ମଙ୍ଗଳବାର ଉଭୟ ପରିବାର ମଧ୍ୟରେ ଏନେଇ ଝଗଡ଼ା ଲାଗିଥିଲା। ସିକନ୍ଦର ଉତ୍ତ୍ୟକ୍ତ ହୋଇ ଶିବନାଥଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଏନେଇ ଶିବରାମ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୨/୨୫) ରୁଜୁ କରି ସିକନ୍ଦରଙ୍କୁ ଗିରଫ କରିଛି।

ଅପରପକ୍ଷରେ ନୂଆବର୍ଷ ପିକ୍‌ନିକ୍ ସାରି ଘରକୁ ଫେରୁଥିବାବେଳେ ରାସ୍ତାର ଶାଳଗାଁ ଦିଆଣିପାଟଣା ଗ୍ରାମର ଦେବାଶିଷ ବେହେରା ଓ ତାଙ୍କର ଦୁଇବନ୍ଧୁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମାରପିଟ ହୋଇଥିଲା। ଏଥିରେ ଦେବାଶିଷ ଆହତ ହୋଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫/୧୫) ରୁଜୁକରି ବଡ଼ସାମନ୍ତରାପୁର ଗ୍ରାମର ରାଜା ରାଉତ ଓ ପ୍ରଶାନ୍ତ ସାହୁଙ୍କୁ ଗିରଫ କରିଛି।

କଖଡ଼ି ସରପଞ୍ଚ କଳ୍ପନା ଛତାରଙ୍କୁ ରାସ୍ତାରେ ଗାଳିଗୁଲଜ କରିବା ଓ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଟିପିଏମ୍ ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କଖଡ଼ିର ସୁବାସ ଚନ୍ଦ୍ର ସାହୁ। ଏନେଇ ଥାନାରେ ଏକ ମାମଲା(ନଂ.୯/୨୫) ରୁଜୁ ହୋଇଛି।

# ନୟାଗଡ଼ ଜିଲାପାଳ, ପଞ୍ଚାୟତିରାଜ ସଚିବଙ୍କୁ ହାଜିର ଆଦେଶ

କଟକ,୩।୧(କାର୍ତ୍ତିକ ସାହୁ)

**ହାଇକୋର୍ଟରେ ଆଦିବାସୀ ଗାଁ ସମସ୍ୟା ମାମଲା**



ନୟାଗଡ଼ ଜିଲା ମଧ୍ୟଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଗଡ଼ିଆସାହି ପଞ୍ଚାୟତର ଆଦିବାସୀ ଗାଁ ସାଧୁଆପଲି ଏବଂ ଗଣିଆ ବ୍ଲକ ଅଧୀନ ବଡ଼ସିଲିଙ୍ଗା ପଞ୍ଚାୟତର ଆଦିବାସୀ ଗାଁ ମୂଷିଗୁଡ଼ା ଓ ସଳପଗୁଡ଼ାର ସମସ୍ୟାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଲୋକଙ୍କ ପାଇଁ ରାସ୍ତା, ପାଣି, ବିଦ୍ୟୁତ ଆଲୋକ ବ୍ୟବସ୍ଥା ନ ଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଓ ନୟାଗଡ଼ ଜିଲାପାଳ ଆଭାସୀ ମାଧ୍ୟମରେ ପରବର୍ତ୍ତୀ ଶୁଣାଣିରେ ବ୍ୟକ୍ତିଗତ ହାଜିର ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଆସନ୍ତା ୯ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଇ ଦିଆଯାଇଥିବା ନେଇ ସତ୍ୟପାଠ ଦାଖଲ କରାଯାଇଥିଲା। ହେଲେ ଆବେଦନକାରୀଙ୍କ ଓକିଲ ଅଭିଯୋଗ କରିଥିଲେ ଯେ, ଉକ୍ତ ସତ୍ୟପାଠରେ ମିଥ୍ୟା ତଥ୍ୟ ପ୍ରଦାନ କରାଯାଇଛି। ସଳପଗୁଡ଼ା ଓ ମୂଷିଗୁଡ଼ା ଗ୍ରାମକୁ ରାସ୍ତା ନାହିଁ। ପ୍ରାୟ ୧୧ରୁ ୧୫ କିମି ପାଦଚଲା ରାସ୍ତାରେ ଲୋକେ ଯାଉଛନ୍ତି। ସେହିପରି ଆଦୌ ବିଦ୍ୟୁତ ଯୋଗାଣ ହୋଇନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଆବେଦନକାରୀ ଅନୁଷ୍ଠାନ ଭାରତୀୟ ବିକାଶ ପରିଷଦ ତରଫରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ସାଧୁଆପଲି, ମୂଷିଗୁଡ଼ା ଓ ସଳପଗୁଡ଼ା ରାସ୍ତା, ବିଦ୍ୟୁତ, ଅଙ୍ଗନୱାଡି କେନ୍ଦ୍ର, ଆଶାକେନ୍ଦ୍ର, ମୋବାଇଲ ଟାୱାର, ସ୍ୱଚ୍ଛ ଭାରତ ମିଶନ ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଆଦିରୁ ବଂଚିତ ହୋଇଥିବା ଓ ପ୍ରଶାସନକୁ ଅଭିଯୋଗ କଲେ ବି ସୁଫଳ ମିଳୁ ନ ଥିବା ନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ, ପାନୀୟଜଳ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ, ରାଜସ୍ୱ କମିଶନର କଟକ, ନୟାଗଡ଼ ଜିଲାପାଳ, ଖଣ୍ଡପଡ଼ା ଏବଂ ଗଣିଆ ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି।

**ଫଟୋରେ ଖବର**


କଟକ ସାରଳା ଭବନରେ ଶୁକ୍ରବାର ଅନୁଷ୍ଠିତ କଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଫେସର ଜୟନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଜାନକୀ ବଲ୍ଲଭ ପଟ୍ଟନାୟକ ଜୟନ୍ତୀ କମିଟି ପକ୍ଷରୁ ପୂର୍ବତନ ରାଜ୍ୟପାଳ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ଐଶାନେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

**ନିରାକାରପୁର,୩।୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଭୂଷଣ୍ଡପୁର ଅଞ୍ଚଳର ଇଷ୍ଟଦେବ ଐଶାନେଶ୍ୱର ଦେବଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଦାନଅର୍ଥ କେହି ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଭୂଷଣ୍ଡପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଏହି ମନ୍ଦିରରେ ଥିବା ଦୁଇଟି ହୁଣ୍ଡି ବାକ୍ସକୁ କେହି ଦୁର୍ବୃତ୍ତ ଭାଙ୍ଗି ସେଥିରୁ ଦାନ ଅର୍ଥ ନେଇଯିବା ପରେ ବାହାରେ ଫୋପାଡ଼ି ଦେଇଛନ୍ତି। ସେହିପରି ଅନ୍ୟ ଏକ ବାକ୍ସ ଭାଙ୍ଗି ଭିତରେ ଥିବା ସମସ୍ତ ଅର୍ଥ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବରପାଇ ଭୂଷଣ୍ଡପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛି। ତେବେ ଘଟଣାର ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ବିନୋଦ କୁମାର ପରିଡ଼ା କହିଛନ୍ତି।

### ଗଣଦୌଡ଼ କାର୍ଯ୍ୟକ୍ରମ

**ନିରାକାରପୁର,୩।୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ ଅବସରରେ ଶୁକ୍ରବାର ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଥାନାର ସବଇନ୍ସପେକ୍ଟର ଦୀପାଳିଶା ନାୟକ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣଦୌଡ଼ରେ ଶତାଧିକ ଯୁବତୀଯୁବକ ଯୋଗଦେଇଥିଲେ। ସ୍ଥାନୀୟ କଲେଜ ଛକଠାରୁ ନୂଆଜଗନ୍ନାଥ ସଡ଼କ ଦେଇ ରାମେଶ୍ୱର ଗ୍ରାମ ପରିକ୍ରମ କରି ପ୍ରଭାବତୀ ମଣ୍ଡପଠାରେ ପହଞ୍ଚିଥିଲେ। ଗଣଦୌଡ଼ରେ ପୁରୁଷ ବିଭାଗରେ ଶୁଭମ ବେହେରା ଏବଂ ମହିଳା ବିଭାଗରେ ପିଙ୍କି ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ତାରିଣୀ ଏକାଡେମୀର ଉପଦେଷ୍ଟା ଭାସ୍କର ରାଉତ, ଏଏସ୍‌ଏସ୍ କ୍ୟାରିୟର ଏକାଡେମୀର ଉପଦେଷ୍ଟା ବିଶ୍ୱନାଥ ରାଉତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ରାମ ଚନ୍ଦ୍ର ମହାପାତ୍ର, ଇଂ. ବିଶ୍ୱମୋହନ ପଟ୍ଟନାୟକ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଗିରିଜା ମୋହନ ପଟ୍ଟନାୟକ, ବିପିନ ଜୟସିଂ, ବିଶ୍ୱଭୂଷଣ ଛୋଟରାୟ, ମନୋଜ ପ୍ରଧାନ, ରଞ୍ଜିତ୍ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ୧୨ରୁ ନିରାକାରପୁରରେ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

**ନିରାକାରପୁର,୩।୧(ମାନସ ଚନ୍ଦ୍ର ପଟ୍ଟନାୟକ):**

ଖୋର୍ଦ୍ଧା ଜଲା ନିରାକାରପୁର ସଖାସଂଘ କ୍ରୀଡା ସଂସଦ ପକ୍ଷରୁ ଆସନ୍ତା ୧୨ତାରିଖରୁ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ସଭାପତି ବିପିନ କୁମାର ଜୟସିଂହ କହିଛନ୍ତି। କିଶୋର କ୍ଲବ ଭୁବନେଶ୍ୱର-ଜଗଦଲପୁର ଛତିଶଗଡ଼, ଭଞ୍ଜନଗର ମରଠା ଫୁଟ୍‌ବଲ କ୍ଲବ-ମାଇନ୍ଦିପୁର ଫୁଟ୍‌ବଲଏକାଡେମୀ ପାରାଦୀପ ଜଗତ୍‌ସିଂହପୁର, ସ୍ପୋର୍ଟ୍ସ ହଷ୍ଟେଲ କଟକ-ନମଖାନା ଫୁଟ୍‌ବଲ ଏକାଡେମୀ କୋଲକାତା, ଏସ୍‌ପିଏମ୍ ଫୁଟ୍‌ବଲ ଏକାଡେମୀ ବିଶାଖାପାଟଣାମ-ହିନ୍ଦୁସ୍ତାନ ହିରୋଇଶ ଫୁଟ୍‌ବଲ ଏକାଡେମୀ ବେହେଲା କୋଲକାତା ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

### କିଆପଲ୍ଲାକୁ ହରାଇ ବେଗୁନିଆ ବିଜୟୀ

**ବାଘମାରୀ,୩।୧(ମିହିର ରଞ୍ଜନ ମହାପାତ୍ର):** ସିମୋର ପଞ୍ଚାୟତ ଅନ୍ତର୍ଗତ ମା'ଗଙ୍ଗେଇଁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଶୁକ୍ରବାର ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଭାଜପା ନେତା ପ୍ରକାଶ ବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବେଗୁନିଆ କ୍ରିକେଟ କ୍ଲବ ଏବଂ କିଆପଲ୍ଲା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି କିଆପଲ୍ଲା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୨ରନ ସଂଗ୍ରହ କରିଥିଲା। କିଆପଲ୍ଲା ଟିମର ବିକାଶ ରଞ୍ଜନ ୩୭ ରନ କରିଥିଲେ। ଜବାବରେ ବେଗୁନିଆ ଟିମ୍ ୧୮.୨ ଓଭରରେ ୭ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ହରିଶ କୁମାର ୨୫ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅରୁଣ ପ୍ରହରାଜ ଏବଂ ଦୀପ୍ତିରଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ।

# ଇଓଙ୍କ ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ

**ଖୋର୍ଦ୍ଧା,୩।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ତେବେ ବିନା କାଉନ୍‌ସିଲ ବୈଠକରେ ଉଚ୍ଛେଦ ଏବଂ ଥଇଥାନକୁ ନେଇ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ସମେତ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଏବଂ ଅନ୍ୟ କାଉନସିଲରମାନେ ତୀବ୍ର ବିରୋଧ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ(ଇଓ)ଙ୍କ ମନମୁଖି କାର୍ଯ୍ୟକୁ ସମାଲୋଚନା କରିଛନ୍ତି ପୌରାଧ୍ୟକ୍ଷା। ସହରର ଯେକୌଣସି କାର୍ଯ୍ୟ ପାଇଁ କାଉନସିଲ ବୈଠକରେ ପ୍ରସ୍ତାବ ଆଗତ, ଗୃହୀତ ହେବା ପରେ ଏହାକୁ କାର୍ଯ୍ୟକାରୀ କରାଯାଇଥାଏ। ତେବେ ବିନା କାଉନ୍‌ସିଲ ନିଷ୍ପତ୍ତିରେ କାହା ସ୍ୱାର୍ଥରେ ନିର୍ବାହୀ ଅଧିକାରୀ କାର୍ଯ୍ୟ କରୁଛନ୍ତି ବୋଲି ପୌରାଧ୍ୟକ୍ଷା ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚିତ ପ୍ରତିନିଧିଙ୍କ ପରାମର୍ଶ ନେବା ପରିବର୍ତ୍ତେ ନିର୍ବାହୀ ଅଧିକାରୀ ଜଣେ ବିଧାୟକଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି। ସେ ଯାହା ନିର୍ଦ୍ଦେଶ ଦେଉଛନ୍ତି, ତାହାକୁ କାର୍ଯ୍ୟକାରୀ କରୁଛନ୍ତି। ବିଧାୟକଙ୍କ ଦ୍ୱାରା ମନୋନୀତ ସଦସ୍ୟଙ୍କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ପୌରାଧ୍ୟକ୍ଷା ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଏନେଇ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ପୌରାଧ୍ୟକ୍ଷା ଆହୁରି କହିଛନ୍ତି, ନିର୍ବାଚିତ ହୋଇ ଆସିବା ପରେ ପ୍ରଥମେ ସହର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି। କ୍ୟାବିନ୍‌ମୁକ୍ତ ସହର, ରାସ୍ତାକଡ଼ ବେପାରୀଙ୍କୁ ଉଚ୍ଛେଦ କରାଯାଇ ଥଇଥାନ ନେଇ ପୂର୍ବରୁ ଆଲୋଚନା ହୋଇଛି। ଗତବର୍ଷ ଏ ସଂକ୍ରାନ୍ତରେ ପୂର୍ବତନ ଦୁଇ ବିଧାୟକ, ବ୍ୟବସାୟୀମାନଙ୍କ ସହ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ନିଷ୍ପତ୍ତି ନେବା ପାଇଁ ସ୍ଥିର ହୋଇଥିଲା। ତେବେ ପୌର ନିର୍ବାହୀ ଅଧିକାରୀ ହଠାତ୍ କାହା ସହ କୌଣସି ଆଲୋଚନା ନ କରି ଏକପାଖିଆ ନିଷ୍ପତ୍ତି ନେଉଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରେ ଅକ୍ଟୋବର ମାସରେ ବୈଠକ ବସିଥିଲା। ଏହାପରଠାରୁ ବୈଠକ ବସିନାହିଁ। ନଭେମ୍ବର, ଡିସେମ୍ବର ଏବଂ ପୁଣି ଜାନୁଆରୀ ୩ରେ ବୈଠକ ଡାକିବା ପାଇଁ ଅନୁରୋଧ ସତ୍ତ୍ୱେ ନିର୍ବାହୀ ଅଧିକାରୀ ବିଧାୟକ ଅସୁସ୍ଥ ଥିବା କହି ଦିନ ଗଡ଼ାଇ ଚାଲିଛନ୍ତି। ପୌର ବୈଠକରେ ବିଧାୟକ ହେଉଛନ୍ତି ନିମନ୍ତ୍ରିତ ଅତିଥି। ତେବେ ପୌରାଞ୍ଚଳର ଉନ୍ନୟନମୂଳକ ଯୋଜନାର ରୂପରେଖ ସମ୍ପର୍କରେ କିଏ ନିଷ୍ପତ୍ତି ନେବ ପୌର ପରିଷଦ ନା' ବିଧାୟକ ବୋଲି କନକଲକ୍ଷ୍ମୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଚାଲିଲେ ଆଗାମୀ ଦିନରେ ସହର ବିକାଶ ଏକପ୍ରକାର ଠପ୍ ହୋଇଯିବ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସହଭାଗିତାରେ କାର୍ଯ୍ୟ ହେବା ଉଚିତ ବୋଲି କନକଲକ୍ଷ୍ମୀ କହିଛନ୍ତି। ସେହିଭଳି ଉପାଧ୍ୟକ୍ଷ ମହାନ୍ତି କହିଛନ୍ତି, ୨୦୨୩ ଅକ୍ଟୋବରରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଆର୍ଥିକ ଫଣ୍ଡରୁ ପ୍ରାୟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିବା ବେଳେ ଏହାକୁ କାର୍ଯ୍ୟକାରୀ ପରିବର୍ତ୍ତେ ନିର୍ବାହୀ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଛନ୍ତି। ଏଥିସହ ଭେଣ୍ଡିଂଜୋନ୍ କମିଟି ଗଠନ ନେଇ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ୱାର୍ଡ ୧୨ ନମ୍ବର ସମେତ ୱାର୍ଡ ୧୧ ଓ ୧୦ରେ ଭେଣ୍ଡିଂଜୋନ୍ ନିର୍ମାଣ ଚାଲିଛି, ହେଲେ ତାଙ୍କୁ କମିଟିରେ ସାମିଲ କରାଯାଇନାହିଁ। କମିଟି ଗଠନ ଏବଂ ଅନ୍ୟ ନିଷ୍ପତ୍ତି ନେବା ବେଳେ ପୌରାଧ୍ୟକ୍ଷାଙ୍କୁ ଅଣଦେଖା କରାଯାଇଛି। ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ସେ କାଉନ୍‌ସିଲରମାନଙ୍କୁ ଅଣଦେଖା କରୁଥିବା ବେଳେ ନୂତନ ସରକାର ଗଠନ ହେବା ପରେ ସିଧାସଳଖ ଭାବେ ଉପେକ୍ଷା କରୁଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ପୌରାଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଅନ୍ୟ କାଉନସିଲରମାନେ ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ଏବଂ କାଉନସିଲ୍ ବୈଠକ ପାଇଁ ନୋଟିସ ଜାରି ଲାଗି ଏକାଠି ହୋଇଥିବା ବେଳେ କୌଣସି କାମ ଯୋଗୁ ଇଓ କାର୍ଯ୍ୟାଳୟକୁ ଆସି ନ ଥିଲେ। ପରେ ପୌରାଧ୍ୟକ୍ଷାଙ୍କ ଚାମ୍ବରରେ ଏକ ବୈଠକ ହୋଇଥିଲା। ଏଥିରେ ଉପାଧ୍ୟକ୍ଷ ମହାନ୍ତିଙ୍କ ସମେତ ୧୮ଜଣ କାଉନ୍‌ସିଲର ଉପସ୍ଥିତ ଥିଲେ। ଉଚ୍ଛେଦ ଏବଂ ଥଇଥାନ ପ୍ରସଙ୍ଗକୁ ନେଇ ଉପସ୍ଥିତ କାଉନ୍‌ସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସହରାଞ୍ଚଳ ଭେଣ୍ଡିଂଜୋନ୍ କମିଟି ଗଠନକୁ ନେଇ ପ୍ରଶ୍ନ ଉଠିଥିଲା।

# ବାଣପୁରରେ ଖୋଲିଲା ଧାନମଣ୍ଡି



**ବାଣପୁର,୩।୧(ଦିଲୀପ କୁମାର ସ୍ୱାଇଁ)**

ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ପାଇଁ ଶୁକ୍ରବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଧୀନ ବଡ଼ହନୁଆଡ଼ ସମବାୟ ସମିତିର ଚାଷୀମାନଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର, ଜିଲାପାଳ ଚଞ୍ଚଳ ରାଣା ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଦରରେ ଧାନ ସଂଗ୍ରହ କରାଯାଇଛି। ଏହି ବ୍ଲକରେ ମୋଟ୍ ୪୬୦୦ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ଦିନରେ ୪ ଚାଷୀଙ୍କଠାରୁ ୧୩୫ କୁଇଣ୍ଟାଲ ୫୪ କେଜି ଧାନ ସଂଗ୍ରହ ହୋଇଛି।

ଜିଲାରେ ମୋଟ୍ ୧୫୪ଟି ମଣ୍ଡି ଖୋଲାଯିବ। ୧୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଜିଲାରେ ୨ଟି ଗ୍ରେନ୍ ଆନାଲାଇଜର, ୧୫ଟି ପ୍ୟାଡି କ୍ଲିନର, କଳାବଜାର ରୋକିବା ପାଇଁ ପ୍ରତି ବ୍ଲକରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଉପଯୁକ୍ତ ଚାଷୀମାନଙ୍କ ପାଇଁ ଜିଲାପାଳଙ୍କ ସ୍ୱତନ୍ତ୍ର ଅନୁମତିରେ ଟୋକନ ଅବଧିକୁ ୧୫ ଦିନ ପାଇଁ ବଢ଼ାଯାଇପାରିବ ବୋଲି ଜିଲାପାଳ କହିଛନ୍ତି। ଚାଷୀଙ୍କୁ ପ୍ରଦତ୍ତ ଟୋକନର ସମୟ ଅତିକ୍ରାନ୍ତ ପୂର୍ବରୁ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ସହ ମଣ୍ଡିରେ ଯେପରି ସେମାନଙ୍କର କୌଣସି ଅସୁବିଧା ନ ହୁଏ ସେଥିପ୍ରତି ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ନଗରପାଳ ମିଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭାଙ୍କୁ ପରିଚିତ କରେ ସମ୍ବର୍ଦ୍ଧନା, ପୁରସ୍କାର




**ବୋଲଗଡ଼,୩।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର କ୍ରୀଡ଼ା ସାଂସ୍କୃତିକ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାଜକିଶୋର ସାହୁ ପୌରୋହିତ୍ୟ ଏବଂ ବୋଲଗଡ଼ ଭଏସ୍ ମିଡିଆର ସଭାପତି ନିରଞ୍ଜନ ନାୟକ ଏଥିରେ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବନପାଳ ପ୍ରଦୀପ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ମାଣିକାଗୋଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରିଣୀ ମଧୁସ୍ମିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ଦିପନ ବେହେରା, ସାମାଜିକ କର୍ମୀ ସଞ୍ଜୟ ମହାପାତ୍ର, ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ଲକ୍ଷ୍ମଣ ପରିଡ଼ା ସଂଘର ବାର୍ଷିକ ବିବରଣୀ ପଠନ କରିବା ସହ ପ୍ରତିଭାଧାରୀଙ୍କୁ ଅଞ୍ଚଳରେ ପରିଚୟ ପ୍ରଦାନ କରିବାକୁ ସମ୍ବର୍ଦ୍ଧନା ଓ ପୁରସ୍କାର ଏକ ମାଧ୍ୟମ ବୋଲି କହିଥିଲେ। କବୟିତ୍ରୀ ସେବତୀ ପରିଡ଼ା, ଶରତ ଚନ୍ଦ୍ର ପଟ୍ଟନାୟକ, ଅଗାଧୁ ବେହେରା, ପ୍ରମୋଦ ଚୌଧୁରୀ, ନାରାୟଣ ମହାନ୍ତି, ବାନାମ୍ବର ରାୟଗୁରୁ, ହରିହର ମହାନ୍ତି, ଅବିନାଶ ମହାନ୍ତି, ସୋନାଲି ବେହେରାଙ୍କୁ ବିଭିନ୍ନ ପ୍ରତିଭା ପାଇଁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଆୟୋଜିତ କୁଇଜ୍, ଶ୍ରୁତ ଲିଖନ, କଣ୍ଠ ସଙ୍ଗୀତ, ନୃତ୍ୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ସରପଞ୍ଚ ସୁବାସଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଇନାଲରେ ସାଲୁଣି

**ବୋଲଗଡ଼,୩।୧(ଦେବବ୍ରତ ହୋତା)**

ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ପିତୁକୁଳି କ୍ରିକେଟ କ୍ଲବ ଏବଂ ସାଲୁଣି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ପିତୁକୁଳି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬.୪ ଓଭରରେ ୯୮ରନ ସଂଗ୍ରହ କରିଥିଲା। ଜବାବରେ ସାଲୁଣୀ ଟିମ୍ ୧୫.୨ ଓଭରରେ ୯୯ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଆମ ଆଦମୀ ପାର୍ଟିର ବେଗୁନିଆ ବ୍ଲକ ସଭାପତି କଳ୍ପତରୁ ପଣ୍ଡା, କଣ୍ଟାବାଡ଼ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଶିଶିର ଆଚାର୍ଯ୍ୟ, ଯୋଗେଶ ଚନ୍ଦ୍ର ପଣ୍ଡା, ବିଭୁଦତ୍ତ ବେହେରା, ଭକ୍ତ ପଟ୍ଟନାୟକ, ଏମ୍.ଏ.ଖାନ୍, ଅଶୋକ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜଟଣୀ,୩।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୧୮ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ଶାରୀରିକ ଅକ୍ଷମ ୨୧୦ଜଣ, ଦୃଷ୍ଟିହୀନ ୬୯ଜଣ, ଶ୍ରବଣ ଓ ବାକଶକ୍ତି ବାଧିତରେ ୧୧୭ ଏବଂ ମାନସିକ ଅନଗ୍ରସର ୧୨୨ଜଣ ରହିଥିଲେ। ଡାକ୍ତରଙ୍କ ପରୀକ୍ଷଣ ପରେ ୩୪୯ଜଣ ଭିନ୍ନକ୍ଷମଙ୍କ ସାର୍ଟିଫିକେଟ ନିର୍ଦ୍ଧାରିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁମନ କୁମାର ମଲ୍ଲିକ, ଦିଲୀପ କୁମାର ମହାପାତ୍ର, ବାସୁଦେବ ମହାରଣା ଏବଂ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ



ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

**ଖୋର୍ଦ୍ଧା,୩।୧(ପ୍ରଭାତ ପାଣିଗ୍ରାହୀ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ ଖୋର୍ଦ୍ଧା ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନରେ ପାଳିତ ହୋଇଯାଇଛି। ଜାନକୀବଲ୍ଲଭ ସ୍ମୃତି କମିଟି ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ବକ୍ତା, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜାନକୀ ବଲ୍ଲଭ ଏକାଧାରରେ ଜଣେ ବାଗ୍ମୀ, ସାହିତ୍ୟିକ, ଲେଖକ ତଥା ଜଣେ ଦୂରଦୃଷ୍ଟି ସମ୍ପନ୍ନ ରାଜନିତୀଜ୍ଞ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଆସନ୍ତା ବର୍ଷ ଜାନକୀ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ରାଜଧାନୀରେ ଆଡ଼ମ୍ବରରେ ପାଳନ ସହ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ନେଇ ମତପ୍ରକାଶ ପାଇଥିଲା। ଶତବାର୍ଷିକୀ ପାଳନ ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ ଏବଂ ଶ୍ରଦ୍ଧାଞ୍ଜଳି ହେବ ବୋଲି ସୌମ୍ୟରଞ୍ଜନ କହିଥିଲେ। କମିଟି ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅମିତ ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବହୁ ବୁଦ୍ଧିଜିବୀ, ଶିକ୍ଷାବିତ୍, ସାହିତ୍ୟିକ, ଲେଖକ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ବେଗୁନିଆବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବେ ଜାନକୀ ବଲ୍ଲଭ

**ବେଗୁନିଆ,୩।୧(ହର ପ୍ରସନ୍ନ ପଣ୍ଡା):** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ ବେଗୁନିଆରେ ପାଳିତ ହୋଇଯାଇଛି। ସ୍ଥାନୀୟ ଜାନକୀ ବଲ୍ଲଭ ସ୍ମୃତି ସଂସଦ ଆନୁକୂଲ୍ୟରେ ଆଦର୍ଶ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ନବକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମୀଧର ମହାରଣା ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ପ୍ରଫେସର ଡ.ହରିପ୍ରସାଦ ଦାସ ମୁଖ୍ୟ ଅତିଥି ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜାନକୀ ବଲ୍ଲଭ ନିଜ କୃତୀ ଏବଂ କୀର୍ତ୍ତି ପାଇଁ ବେଗୁନିଆବାସୀଙ୍କ ପାଇଁ ଚିରଅମର ହୋଇ ରହିବେ ବୋଲି କହିଥିଲେ। ପ୍ରତିମା ପ୍ରଧାନ, ମାନସୀ ଦାସ, ବସନ୍ତ ଦାସ, କାଳନ୍ଦୀ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭେଣ୍ଡିଂଜୋନ୍ କାମ ସରିନି, ଉଚ୍ଛେଦ କରିଦେଲେ

**ଖୋର୍ଦ୍ଧା,୩।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ତରବରିଆଭାବେ ବେପାରୀଙ୍କୁ ଉଚ୍ଛେଦ କରାଯାଇଥିବା ବେଳେ ସେପଟେ ଟିଏଲ୍‌ସିରେ ନବନିର୍ମିତ ଭେଣ୍ଡିଂଜୋନ୍ କାମ ସରିନି। ଫଳରେ ଉଚ୍ଛେଦ ହୋଇଥିବା ବେପାରୀମାନେ ହାତ ବାନ୍ଧିବସିଛନ୍ତି। ସେହିପରି ଅମାନତ ଦାଖଲ କରିଥିବା ବେପାରୀଙ୍କୁ ଦୁଇ ମାସ ବିଦ୍ୟୁତ୍ ଛାଡ଼ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏପଟେ ଭେଣ୍ଡିଂଜୋନ୍‌କୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ବ୍ୟବସାୟୀ ସିଧାସଳଖ ବିଦ୍ୟୁତ୍ ବିଭାଗ ନିକଟରେ ସଂଯୋଗ ପାଇଁ

**ବିଦ୍ୟୁତ୍ ସଂଯୋଗ ନେଇ ଦ୍ୱନ୍ଦ୍ୱରେ ବ୍ୟବସାୟୀ**

ଆବେଦନ କରିବେ କିମ୍ବା ପ୍ରଶାସନଠାରୁ ସଂଯୋଗ ନେବେ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଗକୁ ଗ୍ରୀଷ୍ମଦିନ ଆସୁଛି। ଦୁଇ ମାସ ପରେ ବିଦ୍ୟୁତ୍ ବିଲ୍ କିପରି ପଇଠ କରିବେ, ସେମାନଙ୍କ ପାଇଁ ଦର ନିର୍ଦ୍ଧାରଣ କରାଯିବ ନା ସେମାନେ ନିଜେ ମିଟର ଖଞ୍ଜିବେ, ଏନେଇ କୌଣସି ସ୍ପଷ୍ଟ କରାଯାଇନାହିଁ। ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ ହୋଇଥିବା ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କ୍ୟାବିନ ବ୍ୟବସାୟୀ ଆଧାରକାର୍ଡ, ଫଟୋ ଧରି ପୌର ଓ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ତେବେ କୌଣସି ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ସ୍ପଷ୍ଟ ଉତ୍ତର ରଖୁ ନ ଥିବାରୁ ବ୍ୟବସାୟୀମାନେ ହଇରାଣ ହେଉଛନ୍ତି। ଭେଣ୍ଡିଂଜୋନ୍ କାମ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ବେଳେ ଉଚ୍ଛେଦ ପରଠାରୁ ରୋଜଗାର ହରାଇଥିବା ବ୍ୟବସାୟୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। କେବେ ବିଦ୍ୟୁତ୍ ସଂଯୋଗ ଦିଆଯିବ, ସେମାନେ ନିଜ ଦୋକାନ ଖୋଲିବେ, ତାହାକୁ ନେଇ ଅନିଶ୍ଚିତତାରେ ରହିଛନ୍ତି। ସେପଟେ ବିଧାୟକ, ଏମ୍‌ପିଙ୍କ ଦ୍ୱାରା ଭେଣ୍ଡିଂଜୋନ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ତାହା କେବେ ହେବ ଧାର୍ଯ୍ୟ କରାଯାଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦିଆଯିବ। ପର୍ଯ୍ୟାୟକ୍ରମେ ସମସ୍ୟାଗୁଡ଼ିକର ସମାଧାନ କରାଯିବ।

# ମକର ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ



**ବେଗୁନିଆ,୩।୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକର ପ୍ରସିଦ୍ଧ ଶୈବପୀଠ ବାବା ହଟ୍ଟକେଶ୍ୱରଙ୍କ ପୀଠରେ ଆସନ୍ତା ୧୪ ତାରିଖରୁ ଏକ ମାସବ୍ୟାପୀ ମକରମେଳା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାର ତାପସ କୁମାର ବିଶିଙ୍କ ଆବାହକତ୍ୱରେ ପାଞ୍ଚଦିନ ବ୍ୟାପୀ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ହେବାକୁଥିବା ମକର ମହୋତ୍ସବର ଶୁଭଖୁଣ୍ଟି ଶୁକ୍ରବାର ପୂର୍ବାହ୍ନରେ ସ୍ଥାପନ ହୋଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ହଟ୍ଟକେଶ୍ୱର ମନ୍ଦିର ପରିସରରୁ ଘଣ୍ଟ ମର୍ଦ୍ଦଳ, ହରିବୋଲ ଓ ହୁଳହୁଳି ପରିବେଶ ମଧ୍ୟରେ ଆଜ୍ଞାମାଳ ଧରି ମହୋତ୍ସବ ପୀଠରେ ପହଞ୍ଚି ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କ ସହ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ମଙ୍ଗଳାଯୋଡ଼ିରେ ବିଦେଶାଗତ ପକ୍ଷୀ ପାଇଁ ପର୍ଯ୍ୟଟକଙ୍କ ଭିଡ଼

**ଖୋର୍ଦ୍ଧା/ଟାଙ୍ଗୀ,୩।୧ (ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)**

ଚିଲିକାରେ ବିଦେଶାଗତ ପକ୍ଷୀଙ୍କ କଳରବ ସାଙ୍ଗକୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ମଙ୍ଗଳାଯୋଡ଼ିକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ଚିଲିକା ଭିତରକୁ ପର୍ଯ୍ୟଟକଙ୍କୁ ନେବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଡଙ୍ଗା ବ୍ୟବସ୍ଥା ରହିଛି। ପକ୍ଷୀଙ୍କ ଯାତାୟାତରେ ବାଧା ଉପୁଜିବା ଆଶଙ୍କାରେ ଏଠାରେ ମୋଟରଚାଳିତ ଡଙ୍ଗା ଚଳାଚଳ ଉପରେ କଟକଣା ରହିଛି।

ଚଳିତ ବର୍ଷ ଚିଲିକା ପ୍ରଥମ ପର୍ଯ୍ୟାୟରେ ଶହେ ପ୍ରଜାତିର ପ୍ରାୟ ୯ଲକ୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ସେଥିମଧ୍ୟରୁ ୫୦ ପ୍ରଜାତିର କେବଳ ନଳବଣରେ ଦେଖିବାକୁ ମିଳୁଛି। ଚିଲିକା ପକ୍ଷୀଙ୍କ ଅଭୟାରଣ୍ୟ ଭାବେ ପରିଚିତ ନଳବଣ ଓ ମଙ୍ଗଳାଯୋଡ଼ିକୁ ବିଦେଶାଗତ ପକ୍ଷୀଙ୍କ ଅଧିକ ଆଗମନ ହୋଇଥାଏ।



ବିଭାଗୀୟ ସୂଚନା ପ୍ରକାରେ ଚଳିତବର୍ଷ ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇବେରିଆ, ରୁଷିଆ, କାଜାକସ୍ତାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ଦେଶରୁ ହଜାର ହଜାର ପକ୍ଷୀ ଚିଲିକାକୁ ଆସିଛନ୍ତି। ଏମାନଙ୍କ ମଧ୍ୟରେ ଉଡ୍‌ସ୍ୟାଣ୍ଡ, ପାଇପର୍, ଇରାସିଆନ, ଇୟୁଜିଆନ, ପ୍ଲୋଭର, ପିଣ୍ଟେଲ, ସୋଭଲର, କମନକୁଟ, କମନ୍ ରେଡ୍‌ଷ୍ଟକ, ଗୋଲଡେନ୍, ପ୍ଲୋଭରଙ୍କ ସମେତ ଗ୍ରେଟର ଫ୍ଲେମିଙ୍ଗୋ (ଏରାପକ୍ଷୀ) ପ୍ରଭୃତି ରହିଛନ୍ତି।

ଅନ୍ୟପକ୍ଷରେ ମଙ୍ଗଳାଯୋଡ଼ିରେ ସେପରି କୌଣସି ବିଦେଶାଗତ ପକ୍ଷୀ ଦେଖିବାକୁ ମିଳୁ ନ ଥିବା କେତେଜଣ ବାହାର ପର୍ଯ୍ୟଟକ କହିଛନ୍ତି। ପ୍ରତିବର୍ଷ ଡିସେମ୍ବରରେ ମଙ୍ଗଳାଯୋଡ଼ି ବୁଲିବାକୁ ଆସିଥାଉ। ତେବେ ଏବର୍ଷ ଦେଖାଯାଉଥିବା ଅଧିକାଂଶ ପକ୍ଷୀ ଦେଶୀ ପ୍ରଜାତିର ବୋଲି ଜଣାପଡ଼ିଛି। ସେହିପରି କେତେଜଣ ଗାଇଡ୍‌ଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ଦେଶୀୟ ପକ୍ଷୀଙ୍କ ଆଗମନ ବେଶି ରହିଛି। ଶୀତ ବଢ଼ିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢ଼ିବ। ତେବେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ମଙ୍ଗଳାଯୋଡ଼ିରେ ରାଜଦଳ ଓ ନଳଘାସ ମାଡିଗଲାଣି। ଚିଲିକା ଧୀରେ ଧୀରେ ପୋତି ହେଲାଣି। ଜୈବ ବିବିଧତା ନଷ୍ଟ ହେବା ସହ ବହୁ ଜଳଚର ଜୀବଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସନ୍ତି। ଯଦି ଏଠାରେ ଖାଦ୍ୟ ଉପଲବ୍ଧ ନ ହେବ, ତେବେ ଆଗକୁ ପକ୍ଷୀଙ୍କ ଆଗମନ ମଧ୍ୟ କମିବା ଆଶଙ୍କା ରହିଛି। ଏଣୁ ଚିଲିକା ବର୍ଜ୍ୟବସ୍ତୁ, ପରିବେଶ ପ୍ରଦୂଷଣମୁକ୍ତ, ହ୍ରଦର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ସୂଚନା ଅନୁଯାୟୀ, ପକ୍ଷୀ ଶିକାର ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

